ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୮ ଜୁନ୍, ୨୦୨୩



## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ରୁଗୁଡ଼ି ପୋଲିସ ବରପଦା ଗ୍ରାମସ୍ଥିତ ଏକ ପୋଖରୀରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତକ ଭୂୟାଁ ବରପଦାର ଅନାମ ନାଏକ। ଗତ ବୁଧବାରଠାରୁ ସେ ନିଖୋଜ ଥିଲେ। ଶନିବାର ପୋଖରୀରେ କ୍ଷତ ବିକ୍ଷତ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ରୁଗୁଡି ପୋଲିସ ପହଞ୍ଚି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ (ନଂ.୬/୨୩) ମାମାଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ରବିନ୍ଦ୍ର କୁମାର ମୁଣ୍ଡାରୀ କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ମୃତ୍ୟୁ ଘଟଣା ସ୍ୱାମୀଙ୍କୁ ଗିରଫ କଲା ପୋଲିସ

ବାହାନଗା, ୧୭।୬(ଅରୂପ କୁମାର ଦାସ)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ପଞ୍ଚାୟତ ପାଟିମୁଣ୍ଡା ଗ୍ରାମରେ ରଜ ପୂର୍ବଦିନ ଜଣେ ବିବାହିତା ମହିଳାଙ୍କର ମୃତ୍ୟୁ ଘଟଣାରେ ସୋର ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କୁ ଜୀବନରୁ ମାରି ଦିଆଯାଇଥିବା ମହିଳାଙ୍କ ବାପା ବୁଧବାର ସୋର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା(ନଂ. ୩୨୩/୨୩) ରୁଜୁ କରାଯାଇଥିଲା। ପୋଲିସ ଏହାର ତଦନ୍ତ କରି ତାଙ୍କ ସ୍ୱାମୀ ତପନ ନାୟକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ମହିଳାଙ୍କ ବାପଘର ବିଷ୍ଣୁପୁର ଗ୍ରାମରେ । ପାଟିମୁଣ୍ଡା ଗ୍ରାମର ତପନ ନାୟକ ବିଷ୍ଣୁପୁର ଗ୍ରାମର ଗୋବିନ୍ଦ ବିଶ୍ୱାଳଙ୍କ ଝିଅ ରଞ୍ଜିତାଙ୍କୁ ୫ବର୍ଷ ପୂର୍ବେ ବିବାହ କରିଥିଲେ। ଅଧିକାଂଶ ସମୟ ତପନ ମଦ୍ୟପାନ କରି ସ୍ତ୍ରୀ ରଞ୍ଜିତାଙ୍କୁ ମାର୍‌ପିଟ୍ କରୁଥିଲେ ବୋଲି ରଞ୍ଜିତାଙ୍କ ବାପଘର ଲୋକ ଅଭିଯୋଗରେ ଦର୍ଶାଇଛନ୍ତି।

### ମିଶନଶକ୍ତି ଗୃହ, ମାର୍କେଟ କମ୍ପ୍ଲେକ୍ସ ଗୃହ ଉଦ୍‌ଘାଟିତ

ଜଳେଶ୍ୱର, ୧୭।୬(ରବିନାରାୟଣ ପାତ୍ର): ଜଳେଶ୍ୱର ପୌରପାଳିକାର ୨ନଂ. ୱାର୍ଡରେ ଏକ ମିଶନ ଶକ୍ତି ଗୃହ ଓ ମାର୍କେଟ କମ୍ପ୍ଲେକ୍ସ ଗୃହ ଉଦ୍‌ଘାଟିତ ହୋଇଛି । ଏଥିରେ କାଉନ୍‌ସିଲର ସୁରଜ ଚୌରାସିଆ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ପୌରପାଳ ପ୍ରତୀପ କୁମାର ପ୍ରଧାନ ଯୋଗଦେଇ କୋଠାର ତଳେ ଅଂଶ ମାର୍କେଟ କମ୍ପ୍ଲେକ୍ସ ଉପର ମହଲା ୫-ଟି ସ୍ୱୟଂ ସହାୟକ ଗୋଷ୍ଠୀ ମିଶନଶକ୍ତି ଗୃହ ନିମନ୍ତେ ବ୍ୟବହାର ହେବ ବୋଲି ଜଣାଯାଇଛି । ସମ୍ମାନନୀୟ ଅତିଥି ଭାବେ ପୌର ଅଧିକାରୀ ଅଜୟ କୁମାର ମହାପାତ୍ର, ବିଜେଡି ଟାଉନ ସଭାପତି ଶଙ୍କର ଘୋଷ, ବଣିକ ସଂଘ ସଭାପତି ସୁଧୀର ମହାନ୍ତି, ବିଶ୍ୱଜିତ୍ ଦାସ, ବିଜୟ କାମିଲା, ସଞ୍ଜୀବ ପାଳ, କାଉନ୍‌ସିଲର ଶିବନାରାୟଣ ମହାପାତ୍ର, ଚନ୍ଦନ ଦାସ, ମୀର ଆବସ ଅଲ୍ଲି, ପୁଷ୍ପପ୍ରିୟ କାମିଲା, କବିତା ଧଳ ଓ ଚିତ୍ତରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ ।

### ବିଦ୍ୟୁତ କାଟ୍ ପ୍ରତିବାଦରେ ଭାଜପାର ବିକ୍ଷୋଭ

ଚମ୍ପୁଆ,୧୭।୬(ମହେଶ୍ୱର ଦାଶ): କେନ୍ଦୁଝର ଜିଲା ଚମ୍ପୁଆ ଭାଜପା ପକ୍ଷରୁ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ କରାଯାଇଥିଲା। ଚମ୍ପୁଆ ନଗର ମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ମୁରଲୀ ମୋନହର ଶର୍ମା, ସତ୍ୟବ୍ରତ ପଣ୍ଡା, ଦିଲ୍ଲୀପ ମିଶ୍ରା ପ୍ରମୁଖ ସାମିଲ ହୋଇଥିଲେ। ଦୁର୍ବଳ ଭିତିଭୂମିକୁ ନେତୃମଣ୍ଡଳ ଦାୟୀ କରିବା ସହିତ ଏହାର ସମାଧାନ କରା ନ ଗଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଭାଜପା ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା।

# ଭତ୍ତା ପାଇଁ ୨୦ କି.ମି. ଆସିଲେ ଦିବ୍ୟାଙ୍ଗ

ଉଦଳା, ୧୭।୬
(ସନ୍ତୋଷ କୁମାର ବାଛିନୀ)

ଦିବ୍ୟାଙ୍ଗମାନଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କରାଯାଇଛି। ମୁଖ୍ୟତଃ ଦିବ୍ୟାଙ୍ଗମାନଙ୍କୁ ପଞ୍ଚାୟତରେ ଭତ୍ତା ପ୍ରଦାନ କରାଯିବାକୁ ବ୍ୟବସ୍ଥା ରହିଛି। ହେଲେ ଭତ୍ତା ପାଇଁ ଜଣେ ଦିବ୍ୟାଙ୍ଗଙ୍କୁ ୨୦ କିଲୋମିଟର ଯିବାକୁ ପଡ଼ିଛି। ସକାଳ ୮ଟା ବେଳକୁ ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ତାତି। ଏଭଳି ସ୍ଥିତିରେ ଘରୁ ବାହାରକୁ ଯିବା କଷ୍ଟକର ହୋଇଥିବା ବେଳେ ଦିବ୍ୟାଙ୍ଗ ଜଣକ ଭତ୍ତା ଆଣିବାକୁ ୨୦ କିଲୋମିଟର ଦୂର ବ୍ୟାଙ୍କକୁ ଯାଇଥିଲେ। ଦିବ୍ୟାଙ୍ଗ ହିତାଧିକାରୀ ଜଣକ ହେଲେ ଉଦଳା ବ୍ଲକ ଅଧୀନ ଶ୍ରୀଦାମଚନ୍ଦ୍ରପୁର ପଞ୍ଚାୟତ ଦଶରାପଦା ଗ୍ରାମର ଧିରାଇ ମୁର୍ମୁ।

ଠିକ୍ ଭାବେ ଚାଲିବାକୁ ସକ୍ଷମ ନ ଥିବା ଧିରାଇ ଶନିବାର ଆଶାବାଡ଼ି ଧରି ଭତ୍ତା ଆଣିବାକୁ ବାହାରିଥିଲେ। ଘର ପାଖରୁ କିଛି ବାଟ ଚାଲି ଚାଲି ଯିବା ପରେ ଗାଡ଼ିରେ ଉଦଳା ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ପ୍ରାୟ ଅଧା କିଲୋମିଟର ଚାଲି ଚାଲି ଯାଇ ବ୍ୟାଙ୍କରେ ପହଞ୍ଚିଥିଲେ। ଉଦଳା କଚେରୀ ପରିସର ଦେଇ ଗଲେ ଉକ୍ତ ବ୍ୟାଙ୍କ ପଡୁଥିବା ବେଳେ ଉହଡହ ଖରାରେ ଏତେ ଦୂରକୁ ଆସି ଥକି ପଡ଼ିଥିବା ଧିରାଇ ସେଠାରେ ଥିବା ଏକ ଗଛ ତଳେ ବସି ପଡ଼ିଥିଲେ। ତାଙ୍କ କହିବା ଅନୁଯାୟୀ, ସେ ମାସକୁ ୭ଶହ ଟଙ୍କା ଭତ୍ତା ପାଆନ୍ତି। କିନ୍ତୁ ଗତ ୩ ମାସ ହେବ ତାଙ୍କୁ ଭତ୍ତା ମିଳିନାହିଁ। ଏ


ଧିରାଇ ମୁର୍ମୁ।

ବାବଦରେ ସେ ବାରମ୍ବାର ଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ପଚାରିଥିଲେ। ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଉଥିବା ପଞ୍ଚାୟତ ଅଧିକାରୀ କହିଥିଲେ। ନିଜର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାବେଳେ ଭତ୍ତା ଟଙ୍କା ଭରସା। ଏଣୁ ଏଭଳି ଖରା ତାତିରେ ବି ଆଶାବାଡ଼ି ସାହାରା ନେଇ ବ୍ୟାଙ୍କକୁ ଯାଇ ଭତ୍ତା ଆଣିଛନ୍ତି। ଏହା ତାଙ୍କୁ ବହୁ କଷ୍ଟ ଦେଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଚେୟାରମ୍ୟାନ ମଞ୍ଜୁଲତା ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ ଅଫିସ୍ ନିକଟରେ ଦିବ୍ୟାଙ୍ଗମାନଙ୍କୁ ଭତ୍ତା ଦିଆଯିବା କଥା। ଏଭଳି ଘଟଣା ନଜରକୁ ଆସିନାହିଁ। ତେବେ ଆସନ୍ତା ମାସଠାରୁ ତାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଦିଆଯିବ।

# ତାରିଣୀଙ୍କ ଦର୍ଶନ କଲେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ



ଘଟଗାଁ,୧୭।୬(ରାଜେନ୍ଦ୍ର କୁମାର ପଟ୍ଟନାୟକ)

### ଘଟଗାଁରେ ରଜପର୍ବ

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀ ପୀଠରେ ରଜପର୍ବ ଉପଲକ୍ଷେ ୩ଦିନରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଗୁରୁବାର ରଜ ସଂକ୍ରାନ୍ତି ଅବସରରେ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ମା'ଙ୍କ ଦର୍ଶନ କରିଥିଲେ। ୩ ଦିନ ସୁନାବେଶ ସହିତ ସ୍ୱତନ୍ତ୍ର ନିତିକାନ୍ତି ହୋଇଥିଲା। ମନ୍ଦିର ପ୍ରଶାସନ ରଜପର୍ବରେ ଭକ୍ତଙ୍କ ସମାଗମକୁ ନେଇ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ପ୍ରଚଣ୍ଡ ରୁଦ୍ରତାପ ଯୋଗୁ ବହୁ ସମସ୍ୟା ଉପୁଜିଥିଲା। ବାହାରେ ଖରାରେ ମୁଖଶାଳାଠାରୁ ୩ ନଂ. ଗେଟ୍ ପର୍ଯ୍ୟନ୍ତ ଭକ୍ତ ଧାଡ଼ିରେ ଭୋଗଡାଲା ଧରି ଲମ୍ବାଲାଇନରେ ଛିଡ଼ା ହୋଇଥିଲେ। ସେହିପରି ମନ୍ଦିରରେ ଗରମରୁ ରକ୍ଷା ପାଇବା ପାଇଁ କାରପେଟ୍ (ଗାଲିଚା) ଥିଲେ ମଧ୍ୟ ତାହା ପକାଯାଇ ନ ଥିଲା। ଲୋକମାନେ ବିରକ୍ତ ପ୍ରକାଶ କରିବା ପରେ ଦ୍ୱିତୀୟ ରଜରେ ଏହାକୁ ବିଛାଯାଇଥିଲା। ରଜ ସଂକ୍ରାନ୍ତି ଦିନ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲେ ବି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଡିଭିଜନାଲ ଇନ୍ସପେକ୍ଟର ଅନୁପସ୍ଥିତ ରହିଥିଲେ। ଦେବୋତ୍ତର ବିଭାଗ ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ରଜ ପାଳିଲେ, ପିଠା ମିଠା ବାଣ୍ଟିଲେ ଦୁଇ ସମ୍ପ୍ରଦାୟ


ରଜ ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

ଧାମନଗର, ୧୭।୬ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ମେଡିକାଲ ବଜାର ମେଳଣ ପଠାରେ ଉଭୟ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମିଳିତ ଭାବେ ରଜ ପର୍ବ ପାଳନ କରାଯାଇଛି। ଧାମନଗର ଏକତା ମଞ୍ଚ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଦୁଇ ସମ୍ପ୍ରଦାୟର ଭାଇମାନେ ସାମିଲ ହୋଇ ପାରମ୍ପରିକ ଦୋଳି, ତାସ୍, ଲୁଡୁ ଖେଳ, ବାଗୁଡ଼ି, ଡିଆଁ, ନୃତ୍ୟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଧାମନଗର କଲେଜ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଶିକ୍ଷାବିତ୍ ରସାନନ୍ଦ ମହାପାତ୍ର, ମହେଶ୍ୱର ସ୍ୱାଇଁ, ଭାସ୍କର ସାମଲ, ଅନିଲ କୁମାର ବାରିକ, ଏମ୍‌ଡି ଖଲିଲ ଉଲ୍ଲା, ସାମାଜିକ କର୍ମୀ ପ୍ରତାପ ସାମଲ ,ହେମନ୍ତ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଏକତା ମଞ୍ଚ ପକ୍ଷରୁ ଆୟୋଜିତ ରଜ ମହୋତ୍ସବ ସାମ୍ପ୍ରଦାୟିକ ସଦ୍‌ଭାବ, ଭାଇଚାରା ଓ ଭଲପାଇବାର ପୃଷ୍ଠଭୂମି ଧାମନଗର ଭଳି ସମ୍ବେଦନଶୀଳ ଅଞ୍ଚଳରେ ସୃଷ୍ଟି କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ମଞ୍ଚର ସଭାପତି କୈଳାସ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପକ ଚିତ୍ତରଞ୍ଜନ ଦାଶଙ୍କ ସଂଯୋଜନାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏକତା ମଞ୍ଚର ମିଡିଆ ସଂଯୋଜକ ପ୍ରଦୀପ ମହାପାତ୍ର ଅତିଥି ଆମନ୍ତ୍ରଣ ଓ ସମ୍ପାଦକ କୃଷ୍ଣଚନ୍ଦ୍ର ଜେନା ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ଖେଳ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଏମ୍‌ଡି ହବିବୁର ରାହେମାନ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ହିନ୍ଦୁ ଓ ମୁସଲମାନ ଭାଇମାନେ ରଜ ପିଠା ଓ ମିଠା ଉପସ୍ଥିତ ଅତିଥି, ଦର୍ଶକଙ୍କୁ ବାଣ୍ଟିଥିଲେ। ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଏମ୍ ଡି ଫକିରୁଦିନି, ମୀର ମୟୀଦିନି, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସେକ ମାଙ୍ଗ, ଶ୍ରୀଧର ବେହେରା, ରାଜେଶ ବେହେରା, ସେକ ଗୋଲାମ, ସେକ ଖୁର୍ସିତ, ବିଷ୍ଣୁ ଜେନା, ବିଜୟ ରାମ, ଲକ୍ଷ୍ମଣ କର ପ୍ରମୁଖ ପରିଚାଳନା କରିଥିଲେ।

## ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ବାର୍ଷିକୋତ୍ସବ

ତିହିଡ଼ି,୧୭।୬(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଦୌଲତପୁର ପଞ୍ଚାୟତ ଅଧୀନ ବିନ୍ଧାବଜାରସ୍ଥିତ ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ୮ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନିରଞ୍ଜନ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି ଶିକ୍ଷାବିତ୍ ଶୀତଳ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ କୀର୍ତ୍ତନ ନାରାୟଣ ଦାଶ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଶାସକ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା, ଅନ୍ୟତମ ଅତିଥି ଗୋଧୂଳି ପତ୍ରିକାର ସମ୍ପାଦିକା ବିମଳା ସିଂ ଯୋଗ ଦେଇଥିଲେ। ପ୍ରାଚୀନ ସାହିତ୍ୟରେ ଭକ୍ତିବାଦ ଉପରେ ଯେଉଁ ଗୁରୁତ୍ୱ ଥିଲା ସମକାଳୀନ ସାହିତ୍ୟରେ ତାହା ଗୌଣ ହୋଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରାବନ୍ଧିକ ଡ. ବ୍ରଜମୋହନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ମଥୁରା ମୋହନ ବେହେରା ବିବରଣୀ ପାଠ, କବି ନୀଳମାଧବ ସେନାପତି ଅତିଥି ପରିଚୟ ଓ କବି ମୁକୁନ୍ଦଦେବ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। କବି ବିଶ୍ୱମୈତ୍ରୀ ନାୟକ, ନିତ୍ୟାନନ୍ଦ ନାୟକ, ପି.ହୃଷିକେଶ, ଗଙ୍ଗାଧର ଦତ୍ତ, କଳ୍ପତରୁ ସେଠୀ, ବିଭୂତିଭୂଷଣ ସେନାପତି, ନିତ୍ୟାନନ୍ଦ ମଲ୍ଲିକ, ଅମୂଲ୍ୟ ସେନାପତି, ସୁଧାରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କବି ଆଶୁତୋଷ କରଣ, ରଞ୍ଜୁଲତା ଗାହାଣ, ସୁବାସ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ମୃତ ଚାଷୀଙ୍କ ପରିବାରକୁ ବୀମା ସହାୟତା

ଖଇରା, ୧୭।୬(ଉତ୍କଳବନ୍ଧୁ ପଣ୍ଡା)

ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋଳିହା ସେବା ସମବାୟ ସମିତି ଅଧୀନ ସିଙ୍ଗିପୁର ଗ୍ରାମର ଚାଷୀ ବିକ୍ଷିପ୍ତ ପଲେଇଙ୍କ ପରିବାରଙ୍କୁ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଓ ଇଫକୋ-ଟୋକିଓ ବୀମା କମ୍ପାନୀ ବୀମା ସହାୟତା ପ୍ରଦାନ କରିଛନ୍ତି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର, ଖଇରା ଶାଖା ପରିଚାଳକ ଯଦୁନାଥ ସ ବିକ୍ଷିପ୍ତଙ୍କ ବାସଭବନକୁ ଯାଇ ପରିବାରକୁ ସମବେଦନା ଜଣାଇବା ସହ ମା' ବିନୋଦିନୀଙ୍କୁ ୫ଲକ୍ଷର ଏହି ବୀମା ସହାୟତା ପ୍ରଦାନ କରିଥିଲେ । ବିକ୍ଷିପ୍ତଙ୍କ ସ୍ତ୍ରୀ ଶୁଭଶ୍ରୀ ମହାନ୍ତି ଓ ୫ବର୍ଷର ଝିଅ, ଗୋଳିହା ସେବା ସମବାୟ ସମିତି ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, ସରପଞ୍ଚ ପୁଷ୍ପଲତା ଘଡେଇ, କର୍ମଚାରୀ ଶିବଶଙ୍କର ମହାନ୍ତି ଓ ଅମୂଲ୍ୟ ପ୍ରଧାନ, ସମସ୍ତ ପରିଚାଳନା ବୋର୍ଡ ସଭ୍ୟ, ଶତାଧୀକ ଚାଷୀ ଉପସ୍ଥିତ ଥିଲେ। ଗୋଳିହା ସେବା ସମବାୟ ସମିତିରେ ଚାଷୀଭାବେ ନାମ ପଞ୍ଜୀକୃତ କରିଥିବା ଚାଷୀ ବିକ୍ଷିପ୍ତଙ୍କ ବୀମା ସହାୟତା ପାଇଁ ବ୍ୟାଙ୍କ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରି ମାତ୍ର ୧୬ଦିନ ମଧ୍ୟରେ ଚେକ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଥିବାରୁ ସିଙ୍ଗିପୁର ଗ୍ରାମବାସୀ, ଖଇରା ବ୍ଲକର ସମୁଦାୟ ସମବାୟ ସଂସ୍ଥାକୁ ଧନ୍ୟବାଦ ଦେଇଛନ୍ତି।


ବିଧାୟକ ଓ ଅଧିକାରୀମାନେ ବୀମା ସହାୟତା ପ୍ରଦାନ କରୁଛନ୍ତି ।

# ୯ ମାସରେ କୁକୁର କାମୁଡ଼ାରେ ୨୯୩ ଆହତ

ଯୋଡ଼ା,୧୭।୬(ମାନସ ମହାନ୍ତି)

### ଯୋଡ଼ା ସହରରେ କୁକୁର ଆତଙ୍କ

କେନ୍ଦୁଝର ଜିଲା ଯୋଡ଼ା ସହରରେ ବୁଲା କୁକୁରଙ୍କ ଆତଙ୍କ ବୃଦ୍ଧି ପାଇବାରେ ଲାଗିଛି। କୁକୁର ବିଭିନ୍ନ ବସ୍ତି, ହଟିଂ, କଲୋନୀ, ଛକ, ବଜାର ଓ ରାସ୍ତାଘାଟରେ ଲୋକମାନଙ୍କୁ ଗୋଡ଼ାଇ କାମୁଡୁଛନ୍ତି। ଗତ ୯ ମାସ ମଧ୍ୟରେ ଯୋଡ଼ା ସହରରେ ୨୯୩ ଜଣ କୁକୁର କାମୁଡ଼ାର ଶିକାର ହେଲେଣି। ସେମାନଙ୍କ ମଧ୍ୟରୁ କିଛି ଗୁରୁତର ହୋଇଥିବା ବେଳେ କିଛି ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଯୋଡ଼ା ସହରର ଶାସ୍ତ୍ରୀ ନଗର, ଏନ୍‌ଏସି ଗେଟ୍ ଛକ, ମୁଖାର୍ଜୀ ହଟିଂ, ଆଜାଦ ବସ୍ତି, କମାର ଯୋଡ଼ା, ବାଂଶପାଣି ଅଞ୍ଚଳରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦଳ ଦଳ ହୋଇ ବୁଲା କୁକୁର ଘୁରି ବୁଲୁଛନ୍ତି। ବାଇକ୍‌ରେ ଯିବା ସମୟରେ ହେଉ କି ପାଦଚଲା ବେଳେ କୁକୁର ପଲ ଗୋଡ଼ାଇ କାମୁଡ଼ି ଲହୁଲୁହାଣ କରି ପକାଉଛନ୍ତି। ବିଶେଷ କରି ଛୋଟ ଶିଶୁମାନେ ଏଥିରେ ଆକ୍ରାନ୍ତ ହେଉଥିବାରୁ ତାଙ୍କର ଚିକିତ୍ସା ନିମନ୍ତେ ପରିବାର ଲୋକେ ଦୀର୍ଘ ଏକ ମାସ ଧରି ଡାକ୍ତରଖାନା ଯିବା ଆସିବାରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। କୁକୁର ଆତଙ୍କ ଯୋଗୁ ବସ୍ତି ଅଞ୍ଚଳରେ ପିଲାମାନେ ଖେଳିବା ପାଇଁ ନିରାପଦ ମଣୁନାହାନ୍ତି। କୁକୁର ଆତଙ୍କ ରୋକିବାକୁ ସରକାରୀସ୍ତରରେ କୌଣସି ଉଦ୍ୟମ କରାଯାଉ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଅଭିଷେକ ପଣ୍ଡା କହିଛନ୍ତି, ପାଗଳ କୁକୁରଙ୍କ ପାଇଁ ପ୍ରାଣୀ ଚିକିତ୍ସା ବିଭାଗ ରହିଛି। ଆତଙ୍କ ସୃଷ୍ଟି କରୁଥିବା ବୁଲା କୁକୁର ପାଇଁ ସରକାରୀସ୍ତରରେ ରହିଥିବା ଗାଇଡ୍‌ଲାଇନ ଅନୁଯାୟୀ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ମଦ ଦୋକାନକୁ ବିରୋଧ

### ବନ୍ଦ କରିବାକୁ ଜିଲାପାଳଙ୍କୁ ଚିଠି ଲେଖିଲେ ପୌରାଧ୍ୟକ୍ଷା

ବାଲେଶ୍ୱର ଅଫିସ, ୧୭।୬ (ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ଫକୀରମୋହନ ଗୋଲେଇରେ ହେବ ପ୍ରିମିୟମ ମଦ ଦୋକାନ। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଲାଣି। ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହାକୁ ବିରୋଧ କରାଯାଉଥିବା ବେଳେ ପୌରାଧ୍ୟକ୍ଷା ସବିତା ସାହୁ ଏହାକୁ ବନ୍ଦ କରିବା ନେଇ ଜିଲାପାଳ ଓ ଜିଲା ଅବକାରୀ ଅଧୀକ୍ଷକଙ୍କୁ ଚିଠି ଲେଖିଛନ୍ତି।

ବାଲେଶ୍ୱର ସହର ଓଟିରୋଡ୍‌ରେ ଫକୀରମୋହନ ଗୋଲେଇ ନିକଟସ୍ଥ ପୂର୍ବ ପାର୍ଶ୍ୱରେ ଥିବା ଏକ କୋଠାଘରର ଦ୍ୱିତୀୟ ମହଲାରେ ଏହି ମଦ ଦୋକାନ ଖୋଲାଯିବାକୁ ପ୍ରସ୍ତାବ ରହିଛି। ଉକ୍ତ କୋଠାଘରଠାରୁ ମାତ୍ର ଅଳ୍ପ ଦୂରରେ ମିଶନ ଗାର୍ଲସ ହାଇସ୍କୁଲ ରହିଥିବା ବେଳେ ମା' ସାଇଦୁର୍ଗା ମନ୍ଦିର ରହିଛି। ଅନ୍ୟ ପାର୍ଶ୍ୱରେ ତିନୋଟି ଘରୋଇ ବ୍ୟାଙ୍କ, ପୋଷ୍ଟ ଅଫିସ୍, ବିଏସ୍‌ଏନ୍‌ଏଲ୍ ଅଫିସ୍ ରହିଥିବାରୁ ଉକ୍ତ ସ୍ଥାନ ଜନଗହଳିପୂର୍ଣ୍ଣ ଅଟେ। ସହର ମଧ୍ୟ ଭାଗରେ ଏଭଳି ଦୋକାନ ଖୋଲାଯିବାକୁ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ତୁରନ୍ତ ଏହାକୁ ବନ୍ଦ କରା ନ ଗଲେ ଜନ ଅସନ୍ତୋଷ ତୀବ୍ରତର ହେବ ବୋଲି ପୌରାଧ୍ୟକ୍ଷା ସାହୁ ପ୍ରକାଶ କରିଛନ୍ତି। ପ୍ରିମିୟମ୍ ମଦ ଦୋକାନ ଖୋଲାଯିବା ନେଇ ବିଭାଗ ପକ୍ଷରୁ ପ୍ରସ୍ତାବ ରହିଛି। ଯେଉଁମାନେ ବିରୋଧ କରୁଛନ୍ତି, ସେମାନଙ୍କ ଅଭିଯୋଗ ଗ୍ରହଣ କରାଯିବ। ଜିଲାପାଳ ଉକ୍ତ ବିଷୟରେ ବିଚାର କରି ବିଭାଗୀୟ ଅଧିକାରୀଙ୍କ ପରାମର୍ଶରେ ସେଠାରେ ଦୋକାନ ଖୋଲାଯିବ କି ନାହିଁ ନିଷ୍ପତ୍ତି ନିଆଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

# 'ସଫଳତା ପାଇଁ ଛୋଟ ରାସ୍ତା ନ ଥାଏ'

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଗୋପବନ୍ଧୁ ନଗର, ୧୭।୬
(ଶାନ୍ତନୁ କୁମାର ମଡୁଆଲ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ପ୍ରେସ୍ କ୍ଲବ ପକ୍ଷରୁ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ ପରିସରରେ ବ୍ଲକର ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୧୧ ଛାତ୍ରୀଛାତ୍ର, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗର ୩ ଓ କଳା ବିଭାଗର ୪ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ପ୍ରେସ୍ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତହସିଲଦାର ବିଶ୍ୱରଞ୍ଜନ ମହାନ୍ତି, ମୁଖ୍ୟବକ୍ତା କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବଳ ଦାସ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ରଞ୍ଜିତା ପଣ୍ଡା ଯୋଗ ଦେଇଥିଲେ। ସଫଳତା ପାଇଁ ଛୋଟ ରାସ୍ତା ନ ଥାଏ। ନିରନ୍ତର ଉଦ୍ୟମ ଓ ପରିଶ୍ରମ ଦ୍ୱାରା ଏହା ହାସଲ କରାଯାଇପାରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ଏହି ଅବସରରେ ଦଶମ ଶ୍ରେଣୀର ଛାତ୍ର ଅର୍ପିତ ନାୟକ, ହିତେଶ କମିଳା, ଋଷିକାନ୍ତ ବେହେରା, ଛାତ୍ରୀ ଲିପ୍‌ସିତା ଶତପଥୀ, ସାଇ ଅନ୍ୱେଷା ରଣା, ପ୍ରିୟଙ୍କା ରାଉତ, ଗାୟତ୍ରୀ ବାରିକ, ଜ୍ୟୋତି ରେଖା ରାଉତ, ଅନୀତି ସ, ବବିତା ସିଂ, ରୂପାଲି ପ୍ରଧାନ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ପ୍ରଦୀପ ସିଂ, ଛାତ୍ରୀ ଶିବାନୀ ପୃଷ୍ଟି, ଏଲିଜା କୁଅଁର, ଅମ୍ରିତା ସାହୁ, ପାୟଲ ତରେଇ, ପ୍ରିୟଙ୍କା ମହାପାତ୍ର ଓ ଶ୍ରୁତି ପ୍ରଜ୍ଞା ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ଲବର ସମ୍ପାଦକ ଉତ୍କର କୁମାର ବାବୁଲି ଓ ଚିତ୍ତରଞ୍ଜନ ଦଳେଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। କ୍ଲବର ହିରେନ ରାୟ, ଶାନ୍ତନୁ ମଡୁଆଲ, ବିଶ୍ୱଜିତ ଦାଶ, ଯୁଗେଶ୍ୱର ସାହୁ, ଜୟନ୍ତ କୁମାର ସ, ଦୀପକ ଚୌଧୁରୀ, ରଞ୍ଜନ କୁମାର ମଡୁଆଲ, ସୂର୍ଯ୍ୟକାନ୍ତି ପୁହାଣ, ସମ୍ପିତ କୁମାର ରାଉତ, ମାଣିକ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଡ଼ଭାଇ ଛୁରାମାଡ଼ରେ ସାନ ଲହୁଲୁହାଣ

ଭୋଗରାଇ, ୧୭। ୬(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ତାଳସାରୀ ମେରାଇନ ଥାନା ଅଧୀନ ସାନତଭା ଗ୍ରାମର ଦୁଇଭାଇଙ୍କ ମଧ୍ୟରେ କଳହ ଉଗ୍ରରୂପ ଧାରଣ କରିଛି। ବଡଭାଇ ଛୁରାମାଡରେ ସାନଭାଇ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ଏକ ମାମଲା(ନଂ.୫୯/୨୩) ରୁଜୁ କରିଥିବା ବେଳେ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ସାନତଭା ଗ୍ରାମର ସଦାନନ୍ଦ ସାହୁଙ୍କ ଦୁଇପୁଅ ସନ୍ତୋଷ ଓ ସଞ୍ଜୟଙ୍କ ମଧ୍ୟରେ ଚନ୍ଦନେଶ୍ୱର ବଜାରରେ ମିଷ୍ଟାନ୍ନ ଭଣ୍ଡାର ଦୋକାନକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ଏହା ଉଗ୍ରରୂପ ଧାରଣ କରିବାରୁ ବଡଭାଇ ସନ୍ତୋଷ ଶନିବାର ସକାଳେ ନିଜ ଘରେ ବଡ ଧାରୁଆ ଛୁରୀରେ ସାନ ଭାଇ ସଞ୍ଜୟଙ୍କ ଦେହରେ ୧୩ଟି ସ୍ଥାନରେ ଆଘାତ କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ତ୍ରୀ ଓ ପାଖ ପଡୋଶୀ ଆସି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଭୋଗରାଇରେ ଝଲସିବ ମହାପ୍ରଭୁଙ୍କ ୩୨ବେଶ

ଭୋଗରାଇ, ୧୭।୬(ପ୍ରଦୀପ ଦାସ)

### ଦୀପ ଜାଳିବେ ଲକ୍ଷାଧିକ ଶ୍ରଦ୍ଧାଳୁ

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦାଉଦପୁର ଗ୍ରାମରେ ମହାପ୍ରଭୁଙ୍କ ୩୨ବେଶ ଘୋଷଯାତ୍ରା ଉପଲକ୍ଷେ ଶୁଭାରମ୍ଭ ହେବାକୁ ଯାଉଛି। ଏଥିପାଇଁ ଜଗନ୍ନାଥ ପ୍ରେମୀମାନେ ବ୍ୟାପକ ପ୍ରସ୍ତୁତି ହାତକୁ ନେଇଛନ୍ତି। ଗ୍ରାମର ମା' ଶୀତଳା ମାତା ମନ୍ଦିର ପ୍ରାଙ୍ଗଣରେ ସନାତନ ଧର୍ମୀମାନେ ଉପସ୍ଥିତ ରହି ବିଭିନ୍ନ ବିଭାଗର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି।

ଚଳିତ ମାସ ୧୯ରୁ ୨୮ ତାରିଖ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ଏହି ମାଟି ଆଧ୍ୟାତ୍ମିକ ଭାବଧାରାରେ ମୁଖରିତ ହେବ। ଓଡିଶା ସୀମାନ୍ତରେ ଏଭଳି ବିରଳ ଦୃଶ୍ୟ ହେଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବଢିଛି। ୧୦ଦିନ ଧରି ମହାପ୍ରଭୁଙ୍କ ମହା ଉତ୍ସବରେ ଉତ୍କଳୀୟ ପରମ୍ପରା ଓ ପ୍ରଭୁଙ୍କ ରୀତିନୀତି ଅନୁଯାୟୀ ଜଗନ୍ନାଥ ସଂସ୍କୃତିର ବ୍ୟାପକତା ଓଡ଼ିଆ ଜାତିର ଆରାଧ୍ୟ ଦେବତାଙ୍କୁ ଆରାଧନା ଏବଂ ଲକ୍ଷାଧିକ ଭକ୍ତ ଦର୍ଶନ କରିବେ ବୋଲି ପ୍ରସ୍ତୁତି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଗ୍ରାମ ରାସ୍ତାର ପ୍ରଶସ୍ତୀକରଣ ସହ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଇଛି। ବିଶୁଦ୍ଧ ପାନୀୟଜଳ, ବିଦ୍ୟୁତ ଆଲୋକ ଓ ସହସ୍ରାଧିକ ଭକ୍ତଙ୍କ ସକାଶେ ରହଣି ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ମହାସମାବେଶରେ ଭକ୍ତଙ୍କ ଆକର୍ଷଣ ନିମନ୍ତେ ମୀନାବଜାର, ଭକ୍ତି ସଙ୍ଗୀତ, ପ୍ରବଚନ, ମହାପ୍ରଭୁଙ୍କ ଆଧାରିତ ନୃତ୍ୟ ପରିବେଷଣ ସହ ମହାପ୍ରସାଦ ବ୍ୟବସ୍ଥା ଭକ୍ତମାନେ ହାତକୁ ନେଇଛନ୍ତି। ଅପରପକ୍ଷରେ ଉତ୍କଳୀୟ ଐତିହ୍ୟ ମହାପ୍ରଭୁଙ୍କ କାଞ୍ଚି ଅଭିଯାନ ସହ ୩୨ ବେଶର ମୂର୍ତ୍ତି ବାଲିଆପାଳର ଖ୍ୟାତନାମା ମୂର୍ତ୍ତି କାରିଗରଶିଳ୍ପୀ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରୁଛନ୍ତି। ମହାପ୍ରଭୁଙ୍କ ଉତ୍ସବଠୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଥିବାବେଳେ ଜଗନ୍ନାଥ ସଂସ୍କୃତି ପଣ୍ଡିତପ୍ରବରମାନେ ଏଠାକୁ ଆସିବାକୁ ସହମତି ପ୍ରଦାନ କରିଛନ୍ତି। ମହାପ୍ରଭୁଙ୍କ ୩୨ବେଶ ସନ୍ଦର୍ଶନ ଲାଗି ଓଡିଶା ଓ ପଶ୍ଚିମବଙ୍ଗର ଲକ୍ଷାଧିକ ଶ୍ରଦ୍ଧାଳୁ ସମବେତ ହେବାର ସମ୍ଭାବନା ଥିବାରୁ ଚଳଚଞ୍ଚଳ ହୋଇଛି ଦାଉଦପୁର ଗାଁ। ପ୍ରଭୁଙ୍କ ଏହି ଉତ୍ସବରେ ଶ୍ରଦ୍ଧାଳୁମାନେ ଲକ୍ଷେ ଦୀପ ପ୍ରଜ୍ୱଳିତ କରିବେ ବୋଲି ସୂଚନା ମିଳିଛି। ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ, ବିଧାୟକ, ଜିଲା ପ୍ରଶାସନ ଓ ବହୁ ଉଚ୍ଚ ପଦାଧିକାରୀ ଆସୁଥିବାରୁ ପ୍ରସ୍ତୁତି କମିଟି ସଭାପତି ଡା ଜେ. କେ. ମହାନ୍ତି ଖବରଦାତା ସମ୍ମିଳନୀରେ ମତ ପ୍ରକାଶ କରିଛନ୍ତି। ପ୍ରସ୍ତୁତି କମିଟି ପକ୍ଷରୁ ରବୀନ୍ଦ୍ର ଦାସ, ସୁଧୀର କୁମାର ଦାସ, ମାନସ କୁମାର ମହାନ୍ତି, ଧୀରେନ୍ଦ୍ର ମହାନ୍ତି, ପରେଶ ଦାସ, ଦିଲୀପ ମହାନ୍ତି, ଆନନ୍ଦ ନନ୍ଦୀ, ଅରୁଣ ଦାସ, ସୁଧାଂଶୁ ନନ୍ଦୀ, ରମାକାନ୍ତ ଦାସ ମହାପାତ୍ର ପ୍ରମୁଖ ମହାପ୍ରଭୁଙ୍କ ଏହି ଉତ୍ସବକୁ ସଫଳ କରିବାକୁ ଭୋଗରାଇ ବାସୀଙ୍କୁ ନିବେଦନ କରିଛନ୍ତି ।

## ଚୋରି ସନ୍ଦେହରେ ନାବାଳକଙ୍କୁ ମାଡ଼

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଖଡ଼ିକାପଦା ଗ୍ରାମରେ ଏକ ଟ୍ରକ୍‌ର କାଗଜ ପତ୍ରକୁ ଜଣେ ୯ ବର୍ଷର ନାବାଳକ ଚୋରି କରିନେଇଥିବା ସନ୍ଦେହ କରି ୨ ଯୁବକ ନିସ୍ତୁକମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ନାବାଳକଙ୍କ ମାଆ ଶନିବାର ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ୧୦ ଦିନ ପୂର୍ବେ ୨ ଯୁବକ ମାଡ଼ ମାରିଥିବା ବେଳେ ଶୁକ୍ରବାର ପୁଣି ଝଗଡ଼ା କରିଥିଲେ। ଏ ନେଇ ଥାନାରେ (ନଂ.୧୦୦/୨୩)ରେ ଏକ ମାମଲା ରୁଜୁହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।



## ସଂକ୍ଷେପରେ

### ଗଛରେ ପିଟିହୋଇ ବାଇକ୍ ଚାଳକ ମୃତ

ବଡ଼ସାହି, ୧୭।୬(ସମ୍ବିତ କୁମାର ରାଉତ)- ମୟୂରଭଞ୍ଜ ଜିଲା ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ନିକଟସ୍ଥ ରାସ୍ତାପାର୍ଶ୍ୱରେ ଗଛରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛେଳିଆ-ଏ ଗ୍ରାମର କାର୍ତ୍ତିକ ସିଂ(୨୦)। ସେ ବଡ଼ସାହି ଷ୍ଟେଟବ୍ୟାଙ୍କରୁ କାମ ସାରି ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ଶାଳଗଛରେ ପିଟି ହୋଇଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର ବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା। କାର୍ତ୍ତିକଙ୍କ ବାଇକ୍ ପଛରେ ବସିଥିବା ଆଉ ଜଣେ ଯୁବକ ଆହତ ହୋଇଛନ୍ତି।

### ଷ୍ଟ୍ରକ୍‌ଚରରେ ଗଣ୍ଡଗୋଳ ନେଇ ଥାନାରେ ମାମଲା

ଭଣ୍ଡାରିପୋଖରୀ, ୧୭।୬ (ରବିନାରାୟଣ ଖିଲାର ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରାଢ଼ୋ ଷ୍ଟ୍ରକ୍‌ଚରରେ ଘଟିଥିବା ଗଣ୍ଡଗୋଳକୁ ନେଇ ଶନିବାର ପୋଲିସ ମାମଲା ରୁଜୁ କରିଛି। ଗତ କିଛିଦିନ ଧରି ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଗତ ଗୁରୁବାର ରାତି ପ୍ରାୟ ୧୧ଟା ବେଳେ ସ୍ଥାନୀୟ ଗ୍ରାମର ଶତାଧିକ ଲୋକ ଷ୍ଟ୍ରକ୍‌ଚର ସମ୍ମୁଖରେ ପହଞ୍ଚି ହୋହଲ୍ଲା କରିଥିଲେ। କାର୍ଯ୍ୟରତ କର୍ମଚାରୀମାନେ ଏହାର ପ୍ରତିବାଦ କରିବାରୁ ଉଭୟପକ୍ଷ ମଧ୍ୟରେ ଠେଲାପେଲା ହୋଇଥିବା ବେଳେ କାର୍ଯ୍ୟାଳୟର ଗୋଟିଏ କାଚ କବାଟ ଭାଙ୍ଗିଯାଇଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ ସ୍ଥାନୀୟ ଯୁବକଙ୍କ ନାମରେ ଗଣ୍ଡଗୋଳ ନେଇ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୧୮୧/୨୩) ରୁଜୁ ହୋଇଛି। ଉପଭୋକ୍ତାମାନେ ମଧ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି।

### ଦୋକାନରୁ ଚୋରି ଘଟଣା: ଯୁବକ ଗିରଫ

ବାସୁଦେବପୁର, ୧୭।୬(ନାରାୟଣ ପ୍ରସାଦ ବାରିକ)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ରୋଡ଼ସ୍ଥିତ ମା’ ମଙ୍ଗଳା ସାନିଟାରୀ ଦୋକାନରୁ ଚୋରି ଓ ଦୋକାନ ଗୃହ ଭାଙ୍ଗିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମନ୍ଦାରୀ ଗ୍ରାମର ମୁନା ବେହେରା। ଗତ ଗୁରୁବାର ବିଳମ୍ବିତ ରାତିରେ ସେ ଉକ୍ତ ଦୋକାନ ପରିସରରେ ପହଞ୍ଚି ସିସିଟିଭି ତାରକୁ କାଟିବା ସହ ଦୋକାନର ସଟର କାଟି ପଛପାଖ କାନ୍ଥ ଭାଙ୍ଗିଥିଲେ। ପରେ ଦୋକାନ ବାହାରେ ଥିବା କିଛି ସାମଗ୍ରୀ ଚୋରି କରିଥିଲେ। ସ୍ଥାନୀୟ ଲୋକେ ମୁନାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଦୋକାନୀ ମନୋଜ ବାରିକଙ୍କ ଲିଖିତ ଅଭିଯୋଗକ୍ରମେ ବାସୁଦେବପୁର ଥାନା ପୋଲିସ ମାମଲା (ନଂ.୩୪୬/୨୩) ରୁଜୁ କରି ଅଟକ ମୁନାଙ୍କୁ କୋର୍ଟଚାଲାଣ କରିଛି। ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି।

### ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ବାହାନଗା,୧୭।୬(ଅରୂପ କୁମାର ଦାସ)- ବାହାନଗା ବ୍ଲକ ଦାଣ୍ଡହରିପୁର ଗ୍ରାମରେ ମଦ ବିକ୍ରିକୁ ନେଇ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଏଥିରେ ୪ଜଣ ଆହତ ହୋଇ ସୋର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ସୋର ଥାନାରେ ପୃଥକ ଭାବେ ଦୁଇଟି ଅଭିଯୋଗ ହୋଇଛି। ଗ୍ରାମର ଏକ ସ୍ୱୟଂ ସହାୟିକା ଗୋଷ୍ଠୀର ଜଣେ ସଦସ୍ୟ ମଦ ବିକ୍ରି କରୁଥିବା ନେଇ ଗ୍ରାମର ଦୁଇଜଣ ବ୍ୟକ୍ତି ବିଶ୍ୱମ୍ଭର ଓ ତାଙ୍କ ପୁଅ ନଟିଆ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ସଂଘର ଅନ୍ୟ ସଦସ୍ୟମାନେ ମହିଳାଙ୍କୁ ପଚାରିଥିଲେ। ସେ ମଦ ବିକ୍ରି କରୁ ନ ଥିବା ବାବଦରେ କହିବା ପରେ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଭିଯୋଗ ହୋଇଥିବା ସଂଘର ଜଣେ ମହିଳା ଓ ଅଭିଯୋଗକାରୀ ବାପପୁଅଙ୍କୁ ଡାକିଥିଲେ। ମାତ୍ର ଅଭିଯୋଗ କରିଥିବା ଗ୍ରାମର ବିଶ୍ୱମ୍ଭର ମଲିକ ଓ ତାଙ୍କ ପୁଅ ନଟିଆ ବୈଠକକୁ ଆସି ନ ଥିଲେ। ମହିଳାମାନେ ଏକାଠି ହୋଇ ବିଶ୍ୱମ୍ଭରଙ୍କ ଘରକୁ ପଚାରିବା ପାଇଁ ଯାଇଥିଲେ। ଏଥିରେ ବାପପୁଅ ଓ ମହିଳାଙ୍କ ମଧ୍ୟରେ ବଚସା ହେବା ସହିତ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ଫଳରେ ସ୍ୱୟଂ ସହାୟିକା ଗୋଷ୍ଠୀର ୩ଜଣ ରମାମଣି ମଲିକ, ଜୟନ୍ତୀ ମଲିକ, ପ୍ରତିଭା ମଲିକଙ୍କ ସମେତ ବିଶ୍ୱମ୍ଭର ଆହତ ହୋଇ ସୋର ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ଯୁକ୍ତ ୩, ପିଜି, ବିଏଡ୍ ଫଳ ପ୍ରକାଶିତ

କେନ୍ଦୁଝର, ୧୭।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

## ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ

କେନ୍ଦୁଝର ଜିଲା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩, ପିଜି ଓ ବିଏଡ୍ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଯୁକ୍ତ ୩ ରେ କଳା, ବାଣିଜ୍ୟ ଓ ବିଜ୍ଞାନରେ ଶତକଡ଼ା ୯୧.୨୨ ପ୍ରତିଶତ ଫଳାଫଳ ହୋଇଥିବାବେଳେ କଳାରେ ୯୧.୭୫ ପ୍ରତିଶତ, ବିଜ୍ଞାନରେ ୯୩.୯୮ ପ୍ରତିଶତ, ବାଣିଜ୍ୟରେ ୮୬.୩୬ ପ୍ରତିଶତ ରେଜଲ୍ଟ ହୋଇଛି। ପିଜି ପରୀକ୍ଷାରେ ପାସ ହାର ୯୬.୧୫ ପ୍ରତିଶତ ରହିଛି। ବିଏଡ୍‌ରେ ପାସ ହାର ୯୭.୯୫ପ୍ରତିଶତ ରହିଛି।

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ନରେନ୍ଦ୍ର କୁମାର ସାହୁଙ୍କ ସୂଚନା ଅନୁଯାୟୀ, ଚଳିତବର୍ଷ ଯୁକ୍ତ ୩ ରସାୟନ ବିଜ୍ଞାନ ସମ୍ମାନ ଛାତ୍ର ସୌମ୍ୟରଞ୍ଜନ ସାହୁ ୨୩୭୪ ନମ୍ବର ରଖି ବିଜ୍ଞାନରେ ଟପ୍ପର ହେବା ସହ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଶ୍ରେଷ୍ଠ ଗ୍ରାଜୁଏଟ୍ ବିବେଚିତ ହୋଇଛନ୍ତି। କଳାରେ ଶୁଭଦର୍ଶିନୀ ସାହୁ ୨୨୩୬ ନମ୍ବର ରଖି କଳାରେ ଟପ୍ପର ହୋଇଥିବାବେଳେ ବାଣିଜ୍ୟରେ ନିବେଦିତା ନାୟକ ୨୧୧୪ ନମ୍ବର ରଖି ଟପ୍ପର ହୋଇଛନ୍ତି। +୩ କଳାରେ ପରୀକ୍ଷାର୍ଥୀଙ୍କ ମଧ୍ୟର ୨୯୧ ରୁ ୨୬୭ ଜଣ, ବିଜ୍ଞାନରେ ୨୧୬ ମଧ୍ୟରୁ ୨୦୩ ଜଣ, ବାଣିଜ୍ୟରେ ୧୫୪ ମଧ୍ୟରୁ ୧୩୩ ପାସ୍ କରିଛନ୍ତି। ମହାବିଦ୍ୟାଳୟର +୩ ପରୀକ୍ଷାରେ ୬୬୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୦୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ସେଲଫ ଫାଇନାନ୍ସି ବିବିଏରେ ୧୩ରୁ ୧୨ ପାସ କରିଛନ୍ତି। ଅନର୍ସରେ ଟୁକୁନା ନାଏକ ୧୨୩୧ ନମ୍ବର ରଖି ପ୍ରଥମ ହୋଇଛନ୍ତି। ଅର୍ଥନୀତି ସମ୍ମାନରେ ଶୁଭଦର୍ଶିନୀ ସାହୁ ୧୨୦୭, ଇଂରାଜୀ ସମ୍ମାନରେ ଇପ୍‌ସିତା ରାଉତ ୧୦୯୨, ଇତିହାସ ସମ୍ମାନରେ ସନ୍ତୋଷ ଜେନା ୧୧୨୮, ଗଣିତ ସମ୍ମାନ (କଳା)ରେ ଶ୍ରିୟସ୍ମିତା ରାଉତ ୧୧୧୧, ଓଡ଼ିଆ ସମ୍ମାନରେ ତୃପ୍ତିମୟୀ ମହାରଣା ୧୧୭୪, ଦର୍ଶନଶାସ୍ତ୍ରରେ ଲିପିକା ପାରେୟା ୧୧୮୨, ରାଜନୀତି ବିଜ୍ଞାନରେ ଅନିତା ମୁଣ୍ଡା ୧୦୮୬, ସଂସ୍କୃତରେ ମୌସୁମୀ ବେହେରା ୧୧୩୭, ସମାଜ ବିଜ୍ଞାନରେ ଶୁଭଶ୍ରୀ ମହାନ୍ତି ୧୧୬୨, ଶିକ୍ଷା ଶାସ୍ତ୍ରରେ ରୋଜାଲିନ ପାଣିଗ୍ରାହୀ ୧୨୦୮, ଉଦ୍ଭିଦ ବିଜ୍ଞାନରେ ଚିତ୍ରରେଖା ମହାନ୍ତ ୧୨୦୮, ରସାୟନ ବିଜ୍ଞାନରେ ସୌମ୍ୟରଞ୍ଜନ ସାହୁ ୧୩୧୧, କମ୍ପ୍ୟୁଟର ବିଜ୍ଞାନରେ ଇପ୍‌ସିତା ସାହୁ ୧୨୬୯, ଭୂତତ୍ତ୍ୱ ସମ୍ମାନର ଅର୍ପିତା ପ୍ରିୟଦର୍ଶିନୀ ରଥ ୧୨୯୯, ଗଣିତ ସମ୍ମାନରେ ଶ୍ରବଣ ମହାନ୍ତ ୧୨୮୬, ପଦାର୍ଥ ବିଜ୍ଞାନ ସମ୍ମାନରେ ଭାଗ୍ୟଶ୍ରୀ ପ୍ରଧାନ ୧୨୯୪, ପ୍ରାଣୀ ବିଜ୍ଞାନରେ ଅଲିଭା ପ୍ରିୟଦର୍ଶିନୀ ଦ୍ୱିବେଦୀ ୧୨୯୫, ବାଣିଜ୍ୟରେ ନିବେଦିତା ସିଂ ୧୧୫୪ ରଖି ପ୍ରଥମ ହୋଇଛନ୍ତି। ସେହିପରି ପିଜି ରାଜନୀତି ବିଜ୍ଞାନରେ ମଧୁଛନ୍ଦା ମହାନ୍ତି (୭୬.୯୦), ରସାୟନ ବିଜ୍ଞାନରେ ଅଭିଲିପ୍ସା ମହାନ୍ତି(୮୪.୬୫), ଭୂତତ୍ତ୍ୱ ବିଜ୍ଞାନ ଶ୍ୱେତା ପାଣି(୯୦.୫୦), ବାଣିଜ୍ୟରେ ଶ୍ୱାତୀ ଦାସ(୮୧.୯୦) ରଖି ଟପ୍ପର ହୋଇଛନ୍ତି। ରାଜନୀତି ବିଜ୍ଞାନରେ ୨୭ଜଣ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ୨୬ ପାସ୍ କରିଥିବା ବେଳେ ଜଣଙ୍କ ପରୀକ୍ଷା ସ୍ଥଗିତ ରହିଛି। ପାସ୍ ହାର ୧୦୦ ପ୍ରତିଶତ ରହିଥିବାବେଳେ ରସାୟନ ବିଜ୍ଞାନରେ ୧୬ ଜଣଙ୍କ ମଧ୍ୟରୁ ୧୫ ଜଣ ପାସ୍ କରିଛନ୍ତି। ଭୂତତ୍ତ୍ୱ ବିଜ୍ଞାନରେ ୮ରୁ ୮ ଜଣ ପାସ କରିଛନ୍ତି। ବାଣିଜ୍ୟରେ ୨୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬ ପାସ୍ କରିଥିବା ବେଳେ ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ଅଛି। ବିଏଡ୍‌ରେ ୫୦ଜଣଙ୍କ ମଧ୍ୟରୁ ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ଥିବାବେଳେ ଜଣେ ଫେଲ୍ ହୋଇଛନ୍ତି। ଅନ୍ୟ ୪୮ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ପାସ ହାର ୯୭.୯୫ପ୍ରତିଶତ ରହିଛି। ପ୍ରିୟାତ ପ୍ରଜ୍ଞା ନାୟକ ୮୭.୯୯ ପ୍ରତିଶତ ରଖି ଟପ୍ପର ହୋଇଛନ୍ତି ବୋଲି ଅଧକ୍ଷ ସାହୁ କହିଛନ୍ତି।

## ବାପପୁଅଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତଙ୍କ ସମେତ ୪ ଗିରଫ

ରାଇବଣିଆ, ୧୭।୬(ନବୀନ କୁମାର ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ କବାଟଘାଟି ଗାଁରେ ବୁଧବାର ରାତିରେ ଘଟିଥିବା ବାପପୁଅ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିନ୍ଧାଣୀଙ୍କ ସହ ଅନ୍ୟ ୩ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଜମିଜମା ବିବାଦକୁ କେନ୍ଦ୍ର କରି ହତ୍ୟା କରାଯାଇଥିବା ଜଣାପଡିଛି। ଏନେଇ ମାମଲା(ନଂ. ୬୨/୨୩) ରୁଜୁ କରାଯାଇଛି। ରାଇବଣିଆ ଆଇଆଇସି ଆର୍ତ୍ତତ୍ରାଣ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏସ୍‌ଆଇ ସୁଶୀଲ କୁମାର ସାମଲ, ଗୋବିନ୍ଦ ଟୁଡୁ, କନଷ୍ଟେବଳ ସଞ୍ଜୀବ କୁମାର ବିଶ୍ୱାଳ, ଦେବେନ୍ଦ୍ର ସେଠୀ, ରମେଶ ଚନ୍ଦ୍ର ଜେନା, ସବିତା ଗାଣ, ସୁଜାତା ଦାସଙ୍କ ସହ ୭ ଜଣିଆ ଟିମ୍ ଆସାମୀମାନଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ଗିରଫଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ପ୍ରଫୁଲ୍ଲ ବିନ୍ଧାଣୀଙ୍କୁ ଜଙ୍ଗଲରୁ ଗିରଫ କରାଯାଇଛି। ଅନ୍ୟ ସହଯୋଗୀ ହେଲେ ପ୍ରଫୁଲ୍ଲ ବିନ୍ଧାଣିଙ୍କ ସ୍ତ୍ରୀ ଦେବୀ, ବାପା ଜଗନ୍ନାଥ ଓ ଭିଣୋଇ କାଳି ଚରଣ। ହତ୍ୟାରେ ବ୍ୟବହାର ହୋଇଥିବା ଲୁହାକତା ,ଲୁହା ରଡ଼, ଲାଠିକୁ ପୋଲିସ ଜବତ କରିଛି।

## ମହିଳାଙ୍କ ଆତ୍ମହତ୍ୟା

ବାହାନଗା, ୧୭।୬(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଖନ୍ତାପଡା ଥାନା ଖଜିରା ଗ୍ରାମର ଜଣେ ବିବାହିତା ମହିଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ନିରଞ୍ଜନ ମଲିକଙ୍କ ସ୍ତ୍ରୀ ପଦ୍ମିନୀ ଶୁକ୍ରବାର ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିବା ପରେ ତାଙ୍କ ବାପା କମଳାକାନ୍ତ ଝିଅ ଘରକୁ ଯାଇଥିଲେ। ସେଠାରୁ ଆସି ଖନ୍ତାପଡା ଥାନାରେ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ବୁଧବାର ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସନ୍ଧ୍ୟାରେ ପଦ୍ମିନୀ ବିଷ ପିଇଦେବାରୁ ତାଙ୍କ ସ୍ୱାମୀ ନିରଞ୍ଜନ ନୀଳଗିରି ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ମହିଳାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ ଖନ୍ତାପଡା ଥାନାରେ ଏକ ମାମଲା (ନଂ.୧୩୭/୨୩) ରୁଜୁ କରାଯାଇଛି ।

## ଛଉନୃତ୍ୟରେ ଅତିଥି ନିମନ୍ତ୍ରଣକୁ ନେଇ ଗଣ୍ଡଗୋଳ



ମଞ୍ଚରେ ଉପସ୍ଥିତ ଅତିଥିମାନେ।

ମୋରଡ଼ା,୧୭।୬(ସ୍ମାରକ ମାଝୀ)

### ପଳାଶବଧା ରଜ ପର୍ବ

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ମୋରଡ଼ା ପଞ୍ଚାୟତ ପଳାଶବଧା ଗ୍ରାମରେ ରଜ ପର୍ବ ଉପଲକ୍ଷେ ଶୁକ୍ରବାର ଅନୁଷ୍ଠିତ ଛଉ ନୃତ୍ୟବେଳେ ବିବାଦ ସୃଷ୍ଟି ହୋଇଛି। ଅତିଥି ନିମନ୍ତ୍ରଣକୁ କେନ୍ଦ୍ର କରି ଉତ୍ତର ସାହି ଓ ଦକ୍ଷିଣ ସାହି ମଧ୍ୟରେ ବିବାଦ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ନିମନ୍ତ୍ରିତ ଅତିଥିମାନେ ମଞ୍ଚରେ ଥିବା ବେଳେ ଉଭୟ ପକ୍ଷ ମଧ୍ୟରେ ଠେଲାପେଲା, ଗଣ୍ଡଗୋଳ ହୋଇଥିଲା। ମଞ୍ଚ ନିକଟରେ ଉପସ୍ଥିତ ଥିବା ମୋରଡ଼ା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତ ଶାନ୍ତ ପଡ଼ିଥିଲା।

ସୂଚନାଯୋଗ୍ୟ, ପଳାଶବଧାର ଉତ୍ତର ସାହି ଶ୍ରୀ ଜଗନ୍ନାଥ ଛଉ ନୃତ୍ୟ ପ୍ରତିଷ୍ଠାନ ଓ ଦକ୍ଷିଣ ସାହି ପଳାଶବଧା ଛଉ ନୃତ୍ୟ ପ୍ରତିଷ୍ଠାନର ୪୩ତମ ବାର୍ଷିକ ଉତ୍ସବ ଉପଲକ୍ଷେ ମିଳିତ ଛଉ ନୃତ୍ୟ ଆୟୋଜନ କରାଯାଇଥିଲା। ଉଭୟ ସାହିର କର୍ମକର୍ତ୍ତାଙ୍କ ମଧ୍ୟରେ ଅତିଥି ନିମନ୍ତ୍ରଣକୁ ନେଇ କୌଣସି ଆଲୋଚନା ହୋଇ ନ ଥିଲା। ମାତ୍ର ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ ମେଘନାଦ ମହାନ୍ତ ଜଣେ ବ୍ୟକ୍ତିଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରିଥିବାରୁ ଉତ୍ତର ସାହି କର୍ମକର୍ତ୍ତାମାନେ ବିରୋଧ କରିଥିଲେ। ଫଳରେ ମଞ୍ଚରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ସବରେ ଅତିଥି ଭାବେ ମୋରଡ଼ା ବିଧାୟକ ରାଜକିଶୋର ଦାସ, ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ, କୃଷି ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ମହାନ୍ତ, ଶିକ୍ଷକ ଜୟନ୍ତ ମହାନ୍ତ, ସୌରଭ ମହାନ୍ତି, ଦକ୍ଷିଣ ମୋରଡ଼ା ସରପଞ୍ଚ ରବି ସିଂ ଉପସ୍ଥିତ ଥିବା ବେଳେ ଉତ୍ତର ସାହି ପ୍ରତିଷ୍ଠାନର କୌଣସି ସଦସ୍ୟ ମଞ୍ଚ ଉପରକୁ ଆସି ନ ଥିଲେ। ସଭା କାର୍ଯ୍ୟ ଶେଷ ହେବା ପରେ ଉଭୟ ସାହିର କର୍ମକର୍ତ୍ତାମାନେ ଏକ ଲିଖିତ ପ୍ରତିଶ୍ରୁତି ମୋରଡ଼ା ଥାନା ଅଧିକାରୀଙ୍କୁ ଦେବା ପରେ ଛଉ ନୃତ୍ୟ ଆରମ୍ଭ କରାଯାଇଥିଲା।

## ଜମିବାଡ଼ିକୁ କେନ୍ଦ୍ର କରି ହତ୍ୟା, ଜଣେ ଗିରଫ

ଯୋଡ଼ା,୧୭।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ବସନ୍ତପୁର ଜଡ଼ିପଦା ସାହିରେ ଶୁକ୍ରବାର ଏକ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ଓ ତାଙ୍କ ସହଯୋଗୀ ସାହିର ମିଥୁନ ମୁଣ୍ଡାଙ୍କୁ କୁରାଢ଼ିରେ ଆକ୍ରମଣ ସହ ପିଟିପିଟି ହତ୍ୟା କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମିଥୁନ୍ କିଛି ବର୍ଷ ପୂର୍ବେ ସାହିର ବିଶୋଇ ମୁଣ୍ଡାଙ୍କୁ ୨ ହଜାର ଟଙ୍କା ଦେଇ ତାଙ୍କଠାରୁ ଏକ ଜମି ବନ୍ଧକ ରଖିଥିଲେ। ପରବର୍ତ୍ତୀ ସମୟରେ ମିଥୁନ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିଲେ। ରଜରେ ଘରକୁ ଆସିଥିବା ଜାଣି ବିଶୋଇ ତାଙ୍କ ଘରକୁ ଯାଇଥିଲେ। ସେଠାରେ ଜମି ବନ୍ଧକକୁ କେନ୍ଦ୍ର କରି ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ବିଶୋଇ ସାଙ୍ଗରେ ନେଇଥବା କୁରାଢ଼ିରେ ମିଥୁନଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ସହିତ ଯାଇଥିବା ୪ ସହଯୋଗୀ ବି ଠେଙ୍ଗାରେ ମାଡ଼ ମାରିଥିଲେ। ଘଟଣା ସ୍ଥଳରେ ମିଥୁନଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବିଶୋଇ ମୁଣ୍ଡାକୁ ଗିରଫ କରିଥିବା ବାମେବାରି ଥାନା ଭାରପ୍ରାପ୍ତ ଅଧିକାରୀ ସ୍ୱରୂପ ନାୟକ କହିଛନ୍ତି।

## ଯୁକ୍ତ ୩ ଷଷ୍ଠ ସେମିଷ୍ଟର ପରୀକ୍ଷାରେ ସିଟିଜିର ଶତ ପ୍ରତିଶତ ସଫଳତା

କେନ୍ଦୁଝର,୧୭।୬(ଦୀପକ ମିଶ୍ର)

କେନ୍ଦୁଝର ନିଉ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ଡିଗ୍ରୀ କମର୍ସ କଲେଜ ୬ଷ୍ଠ ସେମିଷ୍ଟାର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭିନ୍ନ ସମ୍ମାନରେ ଶତ ପ୍ରତିଶତ ସଫଳତା ଲାଭ କରିଛି। ଯୁକ୍ତ ୩ ଷଷ୍ଠ ସେମିଷ୍ଟାରରେ ବିଭିନ୍ନ ସମ୍ମାନରେ ଟପର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୋସିଓଲୋଜିରେ ସ୍ୱେତା ସୁମନ ଗିରି ୮୦%, ଏଜୁକେସନରେ ସ୍ମିତା ମୁଦ୍ରା ନାଥ ୮୧.୩୬%, କମର୍ସରେ ଅଭିଷେକ ଶର୍ମା ୮୧.୨୧%, ଓଡ଼ିଆରେ ମଧୁସ୍ମିତା ମହାନ୍ତ ୭୮.୪୩%, ପଲିଟିକାଲ ସାଇନ୍ସରେ ଦୀପକ ବାରିକ ୭୨.୫୭%, ବଟାନିରେ ସୁଚିସ୍ମିତା ମହାନ୍ତ ୮୦.୫୦%, ଜୁଲୋଜିରେ ସୌମ୍ୟପ୍ରଭା ଦାସ ୮୦% ଏବଂ ଜିଓଲୋଜିରେ ଭାଗ୍ୟଶ୍ରୀ ଘୋଷ ୮୪.୬୪% ନମ୍ବର ରଖି ଟପର ହୋଇଛନ୍ତି। ଫାଉଣ୍ଡେସନର ଚେୟାରମ୍ୟାନ୍ ରୋଟାରିୟାନ୍ ଡ଼ ରାଜେନ୍ଦ୍ର ପଲେଇ ପ୍ରିନ୍ସିପାଲ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇବା ସହିତ ପିଲାମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ହାଇସ୍କୁଲରେ ବନ୍ଧୁମିଳନ, ସମ୍ବର୍ଦ୍ଧନା



ତିହିଡ଼ି,୧୭।୬ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲରେ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ରଙ୍କ ପୌରୋହିତ୍ୟରେ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ସୋମନାଥ ପାଢ଼ୀ ଓ ଡ. ଲକ୍ଷ୍ମୀଧର ତ୍ରିପାଠୀ ଯୋଗଦେଇ ବନ୍ଧୁମିଳନ ଭାବ ଆଦାନ ପ୍ରଦାନରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ୧୯୮୪ ବ୍ୟାଚ୍‌ର ଛାତ୍ରଙ୍କ ଦ୍ୱାରା ଆୟୋଜିତ ଏହି ସଭାରେ ଶିକ୍ଷାବିତ୍ କୃପାସିନ୍ଧୁ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ବିଶ୍ୱଜିତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କିଶୋର କୁମାର ନାୟକ, ବିଭୂତି ଭୂଷଣ ତ୍ରିପାଠୀ, ମନୋରଞ୍ଜନ ବେହେରା, ପ୍ରଫୁଲ୍ଲ ପାତ୍ର, ଅଜୟ କୁମାର ବେହେରା, ହରେକୃଷ୍ଣ ବେହେରା, ସତ୍ୟବ୍ରତ କୁଣ୍ଡ, ସୁରେନ୍ଦ୍ର ଦତ୍ତ ପ୍ରମୁଖ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ସୁକାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦୨ କେଜି ଗଞ୍ଜେଇ ସହ ୨ କାର୍ ଜବତ, ୩ ଗିରଫ

ବାଲେଶ୍ୱର/ବାହାନଗା, ୧୭।୬ (ମାନସ ବିଶ୍ୱାଳ/ ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଦ୍ୱାରା ଶନିବାର ସେରଗଡ଼ ଓ ସୋର ଅଞ୍ଚଳରେ ଚଢ଼ାଉ କରାଯାଇ ୨ଟି କାର୍‌ରେ ଭର୍ତ୍ତିହୋଇଯାଉଥିବା ୧୦୨ କେଜିଗଞ୍ଜେଇ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ଏନେଇ ୨ ଟି ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗର ନିରୀକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ଥାନା ନିରୀକ୍ଷକ ଗାଲୁରାମ ସୋରେନଙ୍କ ତତ୍ତ୍ୱାବଧାନରେ ଗଞ୍ଜେଇ ଭର୍ତ୍ତି କାର୍ ଉପରେ ଚଢ଼ାଉ କରାଯାଇଥିଲା। ସେରଗଡ଼ ନିକଟରେ ଚଢ଼ାଉ କରାଯାଇ ଗୋଟିଏ କାର୍‌ରୁ ୬୮ କେଜି ଗଞ୍ଜେଇ ଜବତ କରାଯିବା ସହ ଅନୁଗୋଳ ଜିଲା ହଣ୍ଡପା ଥାନା ଅଧୀନ ନାକଚି ଗ୍ରାମର ଲୋକନାଥ ରଣା (୪୦), ବୀରକିଶୋରପୁର ଥାନା ଅଧୀନ ଅଭରାପାଲି ଗ୍ରାମର ସୁବାଷ ବାରିକ (୪୬)ଙ୍କୁ ଗିରଫ କରାଯାଇଥିଲା। ଏନେଇ ଜିଲା ଭ୍ରାମ୍ୟମାଣ ଅବକାରୀ ଥାନା ମାମଲା (ନଂ. ୭୫/୨୩-୨୪) ରୁଜୁ କରାଯାଇଛି। ସେହିପରି ସୋର ଅବକାରୀ ଥାନା ଓଆଇସି ସନ୍ତୋଷ ସୋରେନଙ୍କ ତତ୍ତ୍ୱାବଧାନରେ ସୋର କଲେଜ ଛକ ନିକଟରେ ଚଢ଼ାଉ କରାଯାଇ ଅନ୍ୟ ଗୋଟିଏ କାର୍‌ରୁ ୩୪ କେଜି ଗଞ୍ଜେଇ ଜବତ କରାଯିବା ସହ ଅନୁଗୋଳ ଜିଲା ବିଷୋଇନଗର ଥାନା ଅଧୀନ ଡାଳପକା ଗ୍ରାମର ମହେନ୍ଦ୍ର ରଣା (୪୩)ଙ୍କୁ ଗିରଫ କରାଯାଇଥିଲା। ଏନେଇ ସୋର ଅବକାରୀ ଥାନା ମାମଲା (ନଂ. ୫୯/୨୩-୨୪) ରୁଜୁ କରାଯାଇଛି। ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଚଢ଼ାଉରେ ଜିଲା ଭ୍ରାମ୍ୟମାଣ ଅବକାରୀ ଥାନା ଓଆଇସି ଭକ୍ତ ଚରଣ ସ୍ୱାଇଁ, କନଷ୍ଟେବଲ ବିଦ୍ୟାଧର ବିନ୍ଧାଣୀ, ରଶ୍ମିରେଖା ପାତ୍ର, ପଙ୍କଜ ମହାନ୍ତି, ସୋର ଅବକାରୀ ଥାନା ଏଏସ୍‌ଆଇ ଉର୍ମିଳା ବେହେରା, କନଷ୍ଟେବଲ ଶକ୍ତିକାନ୍ତ ସାହୁ, ରଜନୀକାନ୍ତ ସାହୁ, ଗଣେଶ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଲିଙ୍ଗଗତ ବିଭେଦ ଦୂର ନେଇ ସଚେତନତା

ଭଦ୍ରକ ଅଫିସ, ୧୭।୬ (ସନାତନ ରାଉତ)

ଲିଙ୍ଗଗତ ବିଭେଦ ଦୂର କରି ତୃତୀୟ ଲିଙ୍ଗୀଙ୍କୁ ସମାନ ଅଧିକାର ପ୍ରଦାନ ପାଇଁ କିନ୍ନର ସଂଘ ପକ୍ଷରୁ ଶନିବାର ଭଦ୍ରକରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅଫିସ୍ ପାଖରୁ କିନ୍ନରମାନେ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ ଧରି ଚାନ୍ଦବାଲି ବାଇପାସ୍ ପର୍ଯ୍ୟନ୍ତ ଯାଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଓ ଆଇନ କ୍ଷେତ୍ରରେ ସମାନ ଅଧିକାର ପ୍ରଦାନ ପାଇଁ ପ୍ରଶାସନ ଏବଂ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି ଶୋଭାଯାତ୍ରା କରାଯାଇଥିବା ଅର୍ଦ୍ଧନାରୀଶ୍ୱର କିନ୍ନର ସଂଘ ସଭାପତି ସୌମ୍ୟା ଦାସ କହିଛନ୍ତି। ଜୁନ୍‌ରେ ସାରା ବିଶ୍ୱରେ ରେନ୍‌ବୋ ପ୍ରାଇଡ୍ ୱାକ୍ କାର୍ଯ୍ୟକ୍ରମ କରାଯାଉଛି। ସଞ୍ଜନା ସାସମଲ, ସୀମା ଟାଙ୍ଗୁର, ମାମିନୀ ମହାରଣା, ରାଜଶ୍ରୀ କିନ୍ନର, ଶର୍ମିଷ୍ଠା ଦାସ, ଶ୍ରାବଣୀ କିନ୍ନର, ସାଥୀର ସହନିର୍ଦ୍ଦେଶକ ବିଶ୍ୱ ଭୂଷଣ ପଟ୍ଟନାୟକ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।



ଶୋଭାଯାତ୍ରାରେ କିନ୍ନରମାନେ ସଚେତନ କରାଉଛନ୍ତି।

## ହୋଣ୍ଡା ସାଇନ ୧୦୦ ସିସିର ବଜାର ପ୍ରବେଶ ଉତ୍ସବ

ବାଲେଶ୍ୱର ଅଫିସ, ୧୭।୬
(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଆଇଟିଆଇସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂତନ ହୋଣ୍ଡା ସାଇନ ୧୦୦ ସିସି ମୋଟର ସାଇକେଲର ବାଲେଶ୍ୱର ବଜାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ହୋଣ୍ଡା ମୋଟର ବାଲେଶ୍ୱର ଅଧିକୃତ ବିକ୍ରେତା ହରି ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ଦାସ ଅଧକ୍ଷତା କରିଥିଲେ। ହୋଣ୍ଡା ମୋଟର୍ସର ଓଡ଼ିଶା ସେଲ୍ସ ହେଡ ରାଜେଶ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ୧୦୦ସିସି ବାଇକ୍ ନିର୍ମାଣର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ହୋଣ୍ଡା କମ୍ପାନୀର ସଂଖ୍ୟାଧିକ ଶ୍ରେଣୀର ବାଇକ ଓ ସ୍କୁଟର ଉପଲବ୍ଧ ଥିଲେ ମଧ୍ୟ ୧୦୦ସିସି ଶ୍ରେଣୀରେ ବାଇକ ଅଭାବ ଅନୁଭୂତ ହେଉଥିଲା। ଏଥିସହିତ ସାଇନ ୧୦୦ ସିସି ବାଇକ୍ ପ୍ରସ୍ତୁତ ପାଇଁ ପୂର୍ବରୁ ଗ୍ରାହକମାନେ ଦାବି କରିଆସୁଥିଲେ। ଏହାକୁ ଗୁରୁତ୍ୱ ଦେଇ କମ୍ପାନୀ ଏଭଳି ଏକ ନୂତନ ବାଇକ୍ ପ୍ରସ୍ତୁତ କରିଛି। ଓଡ଼ିଶାର ବାଇକ ଓ ସ୍କୁଟର ବଜାରରେ ହୋଣ୍ଡା ଅଗ୍ରଣୀ ସ୍ଥାନରେ ଥିବା ବେଳେ ବିକ୍ରୟ ସଂଖ୍ୟା ଅନୁସାରେ ବାଲେଶ୍ୱରରେ ହରି ମୋଟର୍ସ ୧ ନମ୍ବର ସ୍ଥାନରେ ରହିଛି। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱରରେ ଏହି ନୂତନ ବାଇକ୍‌କୁ ବଜାର ପ୍ରବେଶ ପାଇଁ ନିଷ୍ପତ୍ତି ନିଆଯାଇଥିବା କହିଥିଲେ । ହୋଣ୍ଡା ମୋଟରର ଏରିଆ ସେଲ୍ସ ମ୍ୟାନେଜର ଅଭିଶେଷ ହୋତା ସାଇନ ୧୦୦ସିସି ବାଇକର ବିଭିନ୍ନ ସକରାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ହରି ମୋଟର୍ସର ମ୍ୟାନେଜର ଇନ୍ଦ୍ରଜିତ୍ ସିଂହ ଏହି ବାଇକର ବୈଶିଷ୍ଟ ସମ୍ପର୍କରେ ସୂଚନା ଦେଇଥିଲେ। ଲଙ୍ଗ ସସ୍ପେନସନ, ଲମ୍ବା ଓ ଆରାମଦାୟକ ସିଟ୍, ନୂଆ ୧୦୦ ସିସି ଇଞ୍ଜିନ, ଇକ୍ୟୁଆଲାଇଜର ସହ କମ୍ବି ବାଇକିଂ ସିଷ୍ଟମ, ସ୍ମଲ ଟର୍ଣ୍ଣିଂ ରେଡିୟସ, ୧୬୮ ମିମିର ହାଇଗ୍ରାଉଣ୍ଡ କ୍ଲିୟରାନ୍ସ ଆଦି ଗ୍ରାହକଙ୍କୁ ଏହି ବାଇକ ପ୍ରତି ଆକୃଷ୍ଟ କରିବ। ତେବେ ସୁରକ୍ଷା ଦୃଷ୍ଟିକୋଣରୁ ସାଇଡ୍ ଷ୍ଟାଣ୍ଡ ନ ଉଠାଇବା ପର୍ଯ୍ୟନ୍ତ ଏହି ବାଇକ ଷ୍ଟାର୍ଟ ହେବନି। ଏହାବ୍ୟତୀତ ବାଇକରେ ଥିବା ସ୍ୱତନ୍ତ୍ର ପ୍ରକାର ଚକ ଅଛି, ଯଦ୍ଦ୍ୱାରା ଗାଡ଼ି ରାସ୍ତାରେ ସ୍ଲିପ ହେବା ସମ୍ଭାବନା କମ୍। ଏଫ୍‌ଆଇ ଇଞ୍ଜିନଯୁକ୍ତ ଏହି ବାଇକରେ କମ ତେଲ ଖର୍ଚ୍ଚ ହେବା ସହିତ ଅଧିକ ମାଇଲେଜ ଦେଖାଇବ । ବାଇକର ଏକ୍ସ ସୋ’ରୁମ୍ ମୂଲ୍ୟ ୬୬,୯୦୦ ଟଙ୍କା ରହିଛି, ଯାହା ଅନ୍ୟ କମ୍ପାନୀର ୧୦୦ସିସି ବାଇକ ଅନୁପାତରେ ଯଥେଷ୍ଟ କମ୍ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସମ୍ପଥ ଦାସ, ସମ୍ରାଟ୍ ଦାସ, ସୁବ୍ରତ ମହାନ୍ତି, ଅରବିନ୍ଦ ଘୋଷ, ପ୍ରକାଶ ଦାସ, ବାଲେଶ୍ୱର ଜିଲାରେ ଥିବା ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ଡିଲରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସାଇନ ୧୦୦ ସିସି ବାଇକର ପ୍ରଥମ ୧୫ଜଣ ଗ୍ରାହକଙ୍କୁ ଅତିଥିମାନେ ଚାବି ହସ୍ତାନ୍ତର କରିଥିଲେ। ହରି ମୋଟର୍ସର ନିର୍ଦ୍ଦେଶକ ସଂଗ୍ରାମ ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




ଅତିଥିଙ୍କ ଦ୍ୱାରା ଗ୍ରାହକଙ୍କୁ ବାଇକ୍ ଚାବି ଦିଆଯାଉଛି।

### ସାଇଡ୍ ଷ୍ଟାଣ୍ଡ ନ ଉଠାଇବା ପର୍ଯ୍ୟନ୍ତ ହେବନି ଷ୍ଟାର୍ଟ

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ଘଟଗାଁ,(ରାଜେନ୍ଦ୍ର କୁମାର ପଟ୍ଟନାୟକ):କେନ୍ଦୁଝର ଜିଲା ଘଟଗାଁ ଉପରଡ଼ିହା ଭୋଳମୁଣ୍ଡ ସାହିରେ କଳବୈଶାଖୀ ପ୍ରଭାବରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅତକ ଉକ୍ତ ସାହିର ଗୁରୁଚରଣ ମୁଣ୍ଡା(୨୨)। ସେ ଘର ବାରଣ୍ଡାରେ ଠିଆ ହୋଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଘଟଗାଁ ମେଡ଼ିକାଲକୁ ନେଇଥିଲେ। ସେଠାରେ ତାକୁ ଡାକ୍ତର ମୃତ ଘୋଷଣା କରିଥିଲେ। ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଘଟଗାଁ ଥାନା ଅଧିକାରୀ ପ୍ରତିଭା ମଞ୍ଜରୀ ସାହୁ ସାହୁ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

### ମୁସ୍ତାଫାପୁର ପଞ୍ଚାୟତରେ ନୂତନ ସମବାୟ ସମିତି ଗଠନକୁ ବିରୋଧ

ଧାମନଗର,୧୭।୬(ଦେବେନ୍ଦ୍ର ଆଦିଆ)- ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦୋବଲ ପଞ୍ଚାୟତର ସମବାୟ ସମିତି ମୁସ୍ତାଫାପୁର ପଞ୍ଚାୟତରେ ରହିଛି। କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ପୁଣି ମୁସ୍ତାଫାପୁରରେ ଏକ ନୂତନ ସମିତି ଗଠନ କରିଛନ୍ତି କହି ଶନିବାର ଦୋବଲ ସମବାୟ ସମିତି ସମ୍ମୁଖରେ ଅନୁଷ୍ଠିତ ସାଧାରଣ ସଭାରେ ସର୍ବସମ୍ମତି କ୍ରମେ ଏହାକୁ ବିରୋଧ କରାଯାଇଛି। ଗୋଟିଏ ପଞ୍ଚାୟତରେ କିପରି ଦୁଇଟି ସେବା ସମବାୟ ସମିତି ଗଠନ କରାଗଲା ତାହାକୁ ନେଇ ସଦସ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ଏହି ସମିତି ଗଠନ ନେଇ ପୂର୍ବ ସମିତିର କୌଣସି ପୁରାତନ ସଭ୍ୟ କିମ୍ବା ଦୋବଲ ମ୍ୟାନେଜମେଣ୍ଟର କୌଣସି ମତାମତ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ନୂତନ ସମିତି ଗଠନକୁ ବିରୋଧ କରାଯିବା ସହ ଏହାର ପୁନର୍ବିଚାର କରାଯାଇ ଗୋଟିଏ ସମିତି ରଖିବାକୁ ସଭାରେ ସହମତି ପ୍ରକାଶ ପାଇଛି। ଏନେଇ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସହକାରୀ ନିବନ୍ଧକ ଓ ଉପନିବନ୍ଧକଙ୍କୁ ଜଣାଯିବ ବୋଲି ସ୍ଥିର କରାଯାଇଛି। ଦୋବଲ ସମବାୟ ସମିତି ସଭାପତି ବଟକୃଷ୍ଣ ନାୟକ, ସମ୍ପାଦକ ବିଦ୍ୟାଧର ପଣ୍ଡା, ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲ, ସେକ ତାଜୁଦ୍ଦିନ, ରମେଶ ଚନ୍ଦ୍ର ପତି, ରାହାସ ବିହାରୀ ମହାନ୍ତି, ଦଶରଥ ଗାହାଣ, ଅମିୟ ମହାନ୍ତି, ମୁସ୍ତାଫାପୁର ସରପଞ୍ଚ ଜିସନାରା ବିବି, ସୁବାସ ଚନ୍ଦ୍ର ନନ୍ଦ ଓ ସମିତିର ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

### ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ବିର୍ସାମୁଣ୍ଡା ଟ୍ରଷ୍ଟ ସମ୍ପାଦିକା

ତେଲକୋଇ,୧୭।୬(ରଞ୍ଜିତ ବିଶ୍ୱାଳ): କେନ୍ଦୁଝର ଜିଲା ସର୍କିଟ ହାଉସ୍‌ରେ ବିର୍ସାମୁଣ୍ଡା ଜନସେବା ଟ୍ରଷ୍ଟର ସମ୍ପାଦିକା ମଞ୍ଜୁବାଳା ମୁଣ୍ଡା ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଭେଟି ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। ମୁଖ୍ୟତଃ ଅବହେଳିତ ତେଲକୋଇ ନିର୍ବାଚନ ମଣ୍ଡଳୀରେ ପାନୀୟଜଳ, ଶିକ୍ଷା ଓ ଚିକିତ୍ସା କେନ୍ଦ୍ରରେ ଡାକ୍ତର ଅଭାବକୁ ଗୁରୁତ୍ୱ ଦେବା ପାଇଁ କହିଥିଲେ।

### ବିଳମ୍ବରେ ଏଫ୍‌ଆଇଆର କପି ପଠାଇ ଅଡୁଆରେ ଥାନା ଅଧିକାରିଣୀ

କେନ୍ଦୁଝର,୧୭।୬ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ନୟାକୋଟ ଥାନାର ଅଧିକାରୀ ଏକ କେସର ପଞ୍ଜୀକରଣ କପି କୋର୍ଟକୁ ବିଳମ୍ବରେ ଦେବାକୁ ନେଇ ଅଡୁଆରେ ପଡ଼ିଯାଇଛନ୍ତି। ସିଆରପିସି ଆଇନକୁ ଉଲ୍ଲଂଘନ କରିଥିବାରୁ ଆସନ୍ତା ୨୨ ସୁଦ୍ଧା ବିଳମ୍ବର କାରଣ ଦର୍ଶାଇବାକୁ (ଜୁନିଅର ମାଜିଷ୍ଟ୍ରେଟ ଫାଷ୍ଟ କୋର୍ଟ) ଜେଏମ୍‌ଏଫସି ଆଦେଶ କରିଛନ୍ତି। ଏହାର ଏକ କପି କୋର୍ଟ ପକ୍ଷରୁ ଏସ୍‌ପି (ମେମୋ ନମ୍ବର ୫୬୧(୨)/୧୩-୬-୨୦୨୩)ଙ୍କ ନିକଟକୁ ପଠାଯାଇଛି। ଗତ ୭ ଜୁନ୍‌ରେ (କେସ ନମ୍ବର ୫୩) ହୋଇଥିଲା। କିନ୍ତୁ ଏହାର ଏଫ୍‌ଆଇଆର କପି ୨୪ ଘଣ୍ଟାରେ କୋର୍ଟରେ ନ ପହଞ୍ଚି, ୬ ଦିନ ପରେ ଅର୍ଥାତ ୧୩ ଜୁନ୍‌ରେ ପହଞ୍ଚିଥିଲା। ଏଫ୍‌ଆଇଆର ବିଳମ୍ବରେ ପହଞ୍ଚିବା ନେଇ କୌଣସି କାରଣ ମଧ ଦର୍ଶାଯାଇ ନ ଥିଲା। ଏ ନେଇ ଥାନା ଅଧିକାରିଣୀ ସ୍ୱର୍ଣ୍ଣମଣୀ ହେମ୍ବ୍ରମ କହିଛନ୍ତି, ସେଭଳି କିଛି ହୋଇ ନାହିଁ।

# ଶେଷ ପର୍ଯ୍ୟାୟରେ ବିଶ୍ୱର ସର୍ବୋଚ୍ଚ ରଥ କାର୍ଯ୍ୟ

**କେନ୍ଦୁଝର, ୧୭।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ଯେତେ ପାଖେଇ ଆସୁଛି ଭକ୍ତ ଓ ସେବାୟତମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଦୁଇ ଦିନ ପରେ ପବିତ୍ର ରଥଯାତ୍ରା, ଏଥିପାଇଁ ପୁରୁଣା ସହର ଚଳଚଞ୍ଚଳ ହୋଇ ଉଠୁଥିବା ବେଳେ ମନ୍ଦିର, ରଥ, ବଡ଼ଦାଣ୍ଡ ଆଦି ସଜେଇ ହେବାକୁ ଲାଗିଲାଣି। ବିଶେଷକରି ବଡ଼ଦାଣ୍ଡରେ ବିଶ୍ୱର ସର୍ବୋଚ୍ଚ ରଥକୁ ଟାଣିବା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଉଥିବା ବେଳେ ସେବାୟତ ଓ କଳାକାରମାନେ ରଥ ନିର୍ମାଣ କାର୍ଯ୍ୟକୁ ପ୍ରାୟତଃ ଶେଷ ସ୍ପର୍ଶ ଦେବାକୁ ଲାଗିଛନ୍ତି। ନୂଆ ଓ ପୁରୁଣା କାଠରେ ନିର୍ମିତ ରଥ କାମ ପାଇଁ ରଥ ମହାରଣା ନୀଳମଣି ମହାରଣାଙ୍କ ନେତୃତ୍ୱରେ ପ୍ରାୟ ୩୫ ଜଣ ମହାରଣା ସେବାୟତ (କାରିଗର) ନିୟୋଜିତ ହୋଇଛନ୍ତି। ୭୨ ଫୁଟ ଉଚ୍ଚ ଓ ୪୭ ଫୁଟ ଓସାରର ଏହି ରଥ ନିର୍ମାଣରେ ବିଭିନ୍ନ ପ୍ରକାର କାଠ ବ୍ୟବହାର କରାଯାଇଛି। ରଥ କାମ ସରିବା ପରେ ରଥରେ ଲାଗିବାକୁ ଥିବା କାଠରେ ପାର୍ଶ୍ୱ ମୂର୍ତ୍ତି, ଦେବଦେବୀଙ୍କ ମୂର୍ତ୍ତି, ଘୋଡ଼ା ଆଦି ନିର୍ମାଣ, ସାଜସଜ୍ଜା ପାଇଁ ଅନ୍ୟାନ୍ୟ ଚିତ୍ରକଳା ପ୍ରସ୍ତୁତ କାମ ସରିଛି। ରଙ୍ଗ, ଚିତ୍ର, ରଙ୍ଗିନ ଲୁଗା ଆଦି ଲାଗି ବାକି ରହିଛି। ଭୂୟାଁ ସମ୍ପ୍ରଦାୟର ଲୋକମାନେ ସୁଶାସନ ପାଇଁ ରାଜାଙ୍କୁ ଅଧିଷ୍ଠାତା କରିଥିବାରୁ, ରାଜ ପରିବାରରେ ଏବଂ ରାଜ ଶାସନ ବ୍ୟବସ୍ଥାରେ ଭୂୟାଁ ଓ ଅନ୍ୟ ବନବାସୀଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି। ରଥ ଟାଣିବା ପାଇଁ ଭୂୟାଁ ସମ୍ପ୍ରଦାୟର ଲୋକମାନେ ଶିଆଳି ଲତାରେ ପ୍ରସ୍ତୁତ ଦଉଡ଼ି ଦେଇ ଆସୁଛନ୍ତି। ଯଦିଓ ଆଜିକାଲି ନଡ଼ିଆ କତା, ପ୍ଲାଷ୍ଟିକ ଦଉଡ଼ିର ବ୍ୟବହାର ହେଉଛି ତେବେ ଶିଆଳି ଲତାରେ ପ୍ରସ୍ତୁତ ଦଉଡ଼ି ବ୍ୟବହାର ପରମ୍ପରା ଏବେ ମଧ୍ୟ ରହିଛି। ଚଳିତ ବର୍ଷ ମଧ୍ୟ ଭୂୟାଁ ଜନଜାତି ଲୋକେ ସମୁଦାୟ ୩ଟି ଦଉଡ଼ି (ପ୍ରତ୍ୟେକଟିର ଲମ୍ବ ୧୦୪ ହାତ) ପ୍ରସ୍ତୁତ କରି ପ୍ରଦାନ କରିଛନ୍ତି। ରଥଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ପ୍ରଶାସନ ତଥା ସ୍ଥାନୀୟ ଲୋକ, କ୍ଲବ୍, ସଂଗଠନଙ୍କ ଉଦ୍ୟମରେ ବିଭିନ୍ନ ବ୍ୟବସ୍ଥା କରାଯାଇଛି।


ବଳଦେବଜୀଉଙ୍କ ରଥ।

ପୁରୁଣା ସହରରେ ପ୍ରାୟ ସମସ୍ତଙ୍କ ଘରେ କୁଣିଆଙ୍କ ଭିଡ଼ ଜମିଲାଣି। ଲୋକଙ୍କୁ ସେବା ଯୋଗାଇଦେବା ସହ ଲୋକଙ୍କ ସୁରକ୍ଷା ତଥା ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ବ୍ୟବସ୍ଥା କରାଯାଇଛି ବୋଲି ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର କିସ୍କୁ କହିଛନ୍ତି।

**୨ ଦିନ ପରେ ଶ୍ରୀଗୁଣ୍ଡିଚା**

ଅନ୍ୟପକ୍ଷେ, କେନ୍ଦୁଝର ରଥଯାତ୍ରାରେ ଆଦିବାସୀ ପରମ୍ପରା ଅନୁଯାୟୀ ରଙ୍ଗବେରଙ୍ଗ ପୋଷାକ, ଗହଣାଗାଣ୍ଠିରେ ସାଜସଜ୍ଜା ହୋଇ ରଥଯାତ୍ରା ପୂର୍ବ ଦିନରୁ ଆଦିବାସୀମାନେ ବଣପାହାଡ଼ରୁ ଆସି ବଡ଼ଦାଣ୍ଡରେ ସମାଗମ ହୋଇଥାଆନ୍ତି। ସାଥିରେ ବନଜାତ ଦ୍ରବ୍ୟ, ଫଳମୂଳ, ପନିପରିବା ଆଣି ବଡ଼ଦାଣ୍ଡରେ ବିକ୍ରି କରିଥାଆନ୍ତି। ଆଗରୁ ସେମାନେ ବଡ଼ଦାଣ୍ଡ ତଥା ସ୍ଥାନୀୟ ଲୋକଙ୍କ ବାରଣ୍ଡାରେ ଶୋଇ ରାତି କଟାଉଥିଲେ। ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ରହି ପ୍ରତ୍ୟେକ ଦିନ ମେଳା ଓ ଠାକୁର ଦର୍ଶନ ଏବଂ ରାତିରେ ନୃତ୍ୟଗୀତ କରି ସମୟ କଟାଉଥିଲେ। ତେବେ ଆଧୁନିକତାର ଚାକଚକ୍ୟ ମଧ୍ୟରେ ତାହା ଦେଖିବାକୁ ମିଳୁନି ବୋଲି ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ବିଭୂତି ଦାସ କୁହନ୍ତି।

# କାଳିଆ ସେବାରେ ମୋନାଲିସା


ମହାପ୍ରଭୁଙ୍କ ବିଗ୍ରହରେ ରଙ୍ଗ ଦେଉଛନ୍ତି ମୋନାଲିସା।

**ବାଲେଶ୍ୱର ଅଫିସ, ୧୭।୬(ମାନସ ବିଶ୍ୱାଳ)**

**ରଙ୍ଗ ଦେଇ ସଜାଉଛନ୍ତି ମହାପ୍ରଭୁଙ୍କ ବିଗ୍ରହ**

ବାଲେଶ୍ୱର ସହର ସୁଏଲପୁର ଅଞ୍ଚଳର ମୋନାଲିସା ସାହୁ ଏବେକାଳିଆ ପ୍ରେମରେ ବନ୍ଧା ପଡିଛନ୍ତି। ମହାପ୍ରଭୁଙ୍କୁ ସ୍ମରଣ କରି କାଳିଆ ସାଆନ୍ତଙ୍କ ପ୍ରତି ଥିବା ଭକ୍ତିଅର୍ଘ୍ୟକୁ ତୂଳୀ ମାଧ୍ୟମରେ ବର୍ଣ୍ଣନା କରୁଛନ୍ତି। ମହାପ୍ରଭୁଙ୍କ ବିଗ୍ରହରେ ରଙ୍ଗ ଦେଇ ତାଙ୍କ ସେବାରେ ନିମଗ୍ନ ହେଉଛନ୍ତି।

ମୋନାଲିସାଙ୍କ ହାତ ସ୍ପର୍ଶରେ ଜୀବନ୍ତ ହୋଇ ଉଠୁଛନ୍ତି କାଳିଆର କଳାକୃତି। ବିନା କୌଣସି ତାଲିମରେ ସେ ଅତି ସୁନ୍ଦର ଭାବେ ମହାପ୍ରଭୁଙ୍କ ବିଗ୍ରହ ସଜାଉଛନ୍ତି। ଯାହା ନ ଦେଖିଲେ ବିଶ୍ୱାସ ହେବନାହିଁ। ପ୍ରାୟ ୩ବର୍ଷ ପୂର୍ବରୁ ବସୁ ବସୁ ଘରେ ଥିବା ମହାପ୍ରଭୁଙ୍କ ବିଗ୍ରହରେ ରଙ୍ଗ ଦେଇ ସଜାଇବା ପାଇଁ ମନସ୍ଥ କରିଥିଲେ ମୋନାଲିସା। ଏହାରି ଭିତରେ କେତେବେଳେ ସେ ଚତୁର୍ଦ୍ଧାମୂର୍ତ୍ତିକୁ ଏତେ ସୁନ୍ଦର ଭାବେ ସଜେଇ ଦେଇଥିଲେ, ତାହା ସେ ନିଜେ ମଧ ବୁଝି ପାରି ନଥିଲେ। ପରବର୍ତ୍ତୀ ସମୟରେ ପଡ଼ୋଶୀଙ୍କ ଘରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ମଧ ରଙ୍ଗ ଦେଇ ଅତି ସୁନ୍ଦର ଭାବେ ସଜାଇ ଦେଇଥିଲେ। ଏଥିପାଇଁ ସେ କୌଣସି ତାଲିମ ନେଇ ନ ଥିବା ବେଳେ ଏମିତି ସୁନ୍ଦର ଭାବେ ମହାପ୍ରଭୁଙ୍କୁ ସଜାଇବା ନିଶ୍ଚୟ ଭାବେ ଆଶୀର୍ବାଦ ବୋଲି କୁହାଯାଇପାରେ। ମୋନାଲିସା ଧୀରେ ଧୀରେ କଳା ପ୍ରତି ଆକୃଷ୍ଟ ହୋଇଥିଲେ। ଆଖପାଖ ଲୋକେ ମୋନାଲିସାଙ୍କ କଳା ଦେଖି ନିଜ ଘରେ ଥିବା ମହାପ୍ରଭୁଙ୍କ ବିଗ୍ରହ ସଜାଇବା ପାଇଁ ଭିଡ଼ ଜମାଇବାକୁ ଲାଗିଲେ। ଏହାପରେ ସେ ନିଜ କଳାକୁ ଆହୁରି ମାର୍ଜିତ କରିବାକୁ ପ୍ରେରଣା ପାଇଥିଲେ। ସୋସିଆଲ ମିଡିଆରେ ମୋନାଲିସାଙ୍କ ଏମିତି ସୁନ୍ଦର କଳାକୃତି ବେଶ ଆଦୃତ ହେବାରେ ଲାଗିଛି। ଯାହାକୁ ନେଇ ସେ ମଧ ବେଶ ଆଗ୍ରହ ସହକାରେ ମହାପ୍ରଭୁଙ୍କ ସେବାରେ ନିଜକୁ ଜଣେ ସେବିକା ଭାବେ ନିୟୋଜିତ କରିବାକୁ ପସନ୍ଦ କରିଛନ୍ତି। ସେଥିପାଇଁ ତାଙ୍କୁ ମହାପ୍ରଭୁଙ୍କ ବିଗ୍ରହ ସଜାଇବା ପାଇଁ ବରାଦ ଆସିବାରେ ଲାଗିଛି।

ମୋନାଲିସା କହନ୍ତି, ପ୍ରଭୁଙ୍କ ବିଗ୍ରହରେ ରଙ୍ଗ ଦେବା ଅର୍ଥ ସେବା। ସେ ସୁଯୋଗ ତାଙ୍କୁ ମିଳିଥିବାରୁ ସେ ନିଜକୁ ଧନ୍ୟ ମନେ କରୁଛନ୍ତି। ବିଗ୍ରହ ସଜାଇବା ପାଇଁ ସେ କୌଣସି ପାରିଶ୍ରମିକ ନେଇ ନ ଥାନ୍ତି। ଯିଏ ଯେତିକି ଖୁସିରେ ଦେଲା ସେତିକିରେ ସନ୍ତୁଷ୍ଟ ହୋଇଥାନ୍ତି। ମହାପ୍ରଭୁଙ୍କ ସେବାରେ ନିଜକୁ ସମର୍ପିତ କରିଛନ୍ତି। ଜୀବନ ଥିବା ଯାଏ ଏମିତି ମହାପ୍ରଭୁଙ୍କ ସେବା କାର୍ଯ୍ୟ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

### ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କୁ ହତ୍ୟା

**ପ୍ରଶାସନର ସହଯୋଗ ଲୋଡ଼ିଲେ ବାପା**

**ସିମୁଳିଆ, ୧୭।୬(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ଥାନା କରଞ୍ଜଗଡ଼ିଆ ଅଞ୍ଚଳର ନରେନ୍ଦ୍ର ସୁଆରଙ୍କ ପୁଅ କାହ୍ନୁଆ ଓରଫ୍ ପ୍ରହଲ୍ଲାଦ (୨୫)ଙ୍କୁ ବେଙ୍ଗାଲୁରୁରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସିମୁଳିଆ ପୋଲିସ ଅଭିଯୋଗପତ୍ର ଗ୍ରହଣ ନ କରିବାରୁ ଶନିବାର ମୃତକଙ୍କ ପିତା ଏସ୍‌ପି, ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ବାଙ୍ଗାଲୋର ବିଭିନ୍ନ ପ୍ରଶାସନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ପରିବାର ପୋଷଣ ପାଇଁ ନରେନ୍ଦ୍ର ପୁଅ କାହ୍ନୁଆଙ୍କୁ ପଡ଼ୋଶୀ ସିମୁଳିଆ ଥାନା ରାଧାକୃଷ୍ଣପୁର ଅଞ୍ଚଳର କାଶୀନାଥଙ୍କ ସହିତ ବାଙ୍ଗାଲୋର ଟୁମକୁରୁକୁ ପଠାଇଥିଲେ। କାଶୀନାଥ ସେଠାରେ ଏକ ହୋଟେଲରେ ମ୍ୟାନେଜର ରୂପେ କାର୍ଯ୍ୟ କରୁଥିବା ବେଳେ କାହ୍ନୁଆ ତାଙ୍କ ଅଧୀନରେ ରହି ଗତ ୧୧ବର୍ଷ ହେଲା କାର୍ଯ୍ୟ କରିଆସୁଥିଲେ। ଗତ ୯ ତାରିଖ ରାତିରେ କାଶିନାଥ ଜଣେ ଗ୍ରାମବାସୀଙ୍କୁ କାହ୍ନୁଆଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ନରେନ୍ଦ୍ର ପୁଅର ମୃତ୍ୟୁ ସମ୍ପର୍କରେ କାଶୀନାଥଙ୍କୁ ପଚାରିବାରୁ ସେ ୨ଲକ୍ଷ ଟଙ୍କା ଆଣି ମୃତଦେହ ଗାଁକୁ ନେଇଯିବା ପାଇଁ କହିଥିଲେ। କାଶୀନାଥଙ୍କ ସନ୍ଦେହଜନକ କଥାବାର୍ତ୍ତା ଯୋଗୁ କାହ୍ନୁଆଙ୍କୁ ହତ୍ୟା କରାଯିବା ସମ୍ପର୍କରେ ନରେନ୍ଦ୍ର ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ ବାଙ୍ଗାଲୋରରେ ଯାଇ ଅଭିଯୋଗ କରିବା ପାଇଁ କହିଥିଲେ। ତେବେ ନରେନ୍ଦ୍ର ଜଣେ ଅତ୍ୟନ୍ତ ଗରିବ ହୋଇଥିବାରୁ ଘରେ ଥିବା ଅନ୍ୟଜଣେ ଭିନ୍ନକ୍ଷମ ଭାଇଙ୍କ ସମେତ ପରିବାର ପୋଷଣ ପାଇଁ କାହ୍ନୁଆ ଘରୁ ଗୋଡ଼ କାଢ଼ିଥିଲେ ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**balasoreselfie@gmail.com**


@ବାସନ୍ତୀ


@ଜଗନ୍ନାଥ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ସରିଲା ରଜ ମହୋତ୍ସବ


ଉଦ୍‌ଯାପନୀ ସମାରୋହରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

**ବାସୁଦେବପୁର,୧୭।୬ (ନାରାୟଣ ପ୍ରସାଦ ବାରିକ)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଆନୁକୂଲ୍ୟରେ ନୀଳମଣି ଟାଉନହଲ୍ ପରିସରରେ ୩ଦିନ ବ୍ୟାପୀ ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଗୋଷ୍ଠୀ ମହିଳା ଓ ଯୁବତୀମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ରଜ ଉତ୍ସବରେ ବସୁମତିପୂଜା ବିଧି ଆମ ପରମ୍ପରା ଥିବାବେଳେ ୩ଦିନ ଗାଁଠୁ ସହର ସବୁଠି ସବୁ ବର୍ଗର ଲୋକେ ଭାଇଚାରା ପୂର୍ବକ ଏହି ପର୍ବ ପାଳନ କରିଆନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରାଧକ୍ଷା ନିବେଦିତା ବେହେରା, ବିଡିଓ ସତ୍ୟଜିତ ରାଉତ, ପୌରପାଳିକା ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୌର ନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟ ସ୍ୱାଗତ ଭାଷଣ ଦେଇଥିଲେ।

## ସର୍ବଭାରତୀୟ ନିଟ୍‌ରେ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୧୭।୬ (ମାନସ ବିଶ୍ୱାଳ)**

ବାଲେଶ୍ୱର ସହର ମେଘଡ଼ମ୍ବରୁପୁରସ୍ଥିତ ମଡର୍ନ ପବ୍ଲିକ ସ୍କୁଲ ପରିସରରେ ସର୍ବଭାରତୀୟ ମେଡିକାଲ, ନିଟ୍ ମେଡିକାଲ ଓ ଜେଇଇ ମେନ୍ ପ୍ରବେଶିକା ପରୀକ୍ଷା (ନିଟ୍)ରେ କୃତିତ୍ୱ ଅର୍ଜନ କରିଥିବା ସ୍କୁଲ ଛାତ୍ରୀଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲ ଅଧକ୍ଷା ପ୍ରଜ୍ଞା ପାରମିତା ପୃଷ୍ଟି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକଙ୍କୁ ସାଧୁବାଦ ଜଣାଇବା ସହ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣର ଗୁରୁ ଦାୟିତ୍ୱ ବେଶ୍ ସୁଚାରୁରୂପେ ତୁଲାଇ ପାରିଛି ବୋଲି କହିଥିଲେ। ବିଶେଷକରି ଛାତ୍ରୀଛାତ୍ରଙ୍କ କଠୋର ପରିଶ୍ରମ ସାଙ୍ଗକୁ ଅନୁଷ୍ଠାନର ଦକ୍ଷ ଶିକ୍ଷକଙ୍କ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାଦାନ ସ୍କୁଲକୁ ଗୌରବାନ୍ୱିତ କରିପାରିଛି ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୩ ନିଟ୍ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବା ଜୀବନେଶ ନାୟକ, ଆଞ୍ଚଳ ପଣ୍ଡା, ଗୁଞ୍ଜନ ଖଣ୍ଡେଲୱାଲ, ଖୁସି ସଞ୍ଚିତ୍ରା, ରାଜେଶ୍ୱରୀ ନାୟକ ଏବଂ ଜେଇଇ ମେନ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସମ୍ଭବ ଗିରି, ତନ୍ମୟ ପଣ୍ଡା ଓ ସ୍ୱୟଂଜିତ କୁଣ୍ଡୁ, ସେହିପରି କେନ୍ଦ୍ରୀୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପକ୍ଷରୁ ଅନୁଷ୍ଠିତ ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ) ପରୀକ୍ଷାରେ ବିଦ୍ୟାଳୟର ଛାତ୍ର ପ୍ରୀତମ ଦାସ ସର୍ବାଧିକ ନମ୍ବର ରଖି ସମଗ୍ର ବାଲେଶ୍ୱର ଜିଲାରେ ପ୍ରଥମ ହୋଇଥିବାରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିସହିତ ବିଭିନ୍ନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ନାଚଗୀତ ସହ ରଜ ପର୍ବକୁ ବିଦାୟ

**ପାଟଣା,୧୭।୬(ବୀରକିଶୋର ଦାଶ)**

କେନ୍ଦୁଝର ଜିଲାର ଗଣ ପର୍ବ ରଜର ଅନ୍ତିମ ଦିନରେ ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ନାଏକ ସାହି ଓ ଟାଙ୍ଗରପଡା ପଞ୍ଚାୟତ ଭିମାପଡ଼ା, ବାଦୁଡ଼ି ଘେରା, ମହାରଣା ଓ ଦେହୁରୀ ସାହି ସହ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ନାଚ ଗୀତ ସହ ରଜ ପର୍ବକୁ ବିଦାୟ ଦିଆଯାଇଛି। ଚତୁର୍ଥ ଦିବସରେ ବିଦାୟ ଦେବାର ପରମ୍ପରା ଅନୁଯାୟୀ ଶନିବାର ଭୂମୀଦହନ ପର୍ବ ଅବସରରେ ବସୁମତୀ ସ୍ନାନ, ରଜବତୀଙ୍କୁ ବିଦାୟ ପର୍ବରେ ରଜ ବର୍ଷକ ପାଇଁ ବିଦାୟ ନେଇଛି। ସନ୍ଧ୍ୟାରେ ରଜକୁ ବର୍ଷକ ପାଇଁ ତରୁଣୀ, ମହିଳାମାନେ ନାଚି ବିଦାୟ ଦେଇଛନ୍ତି। ଶୁକ୍ରବାର କେନ୍ଦେଇ ପଶି ଛକରେ ରଜର ତୃତୀୟ ସନ୍ଧ୍ୟାରେ ଅଞ୍ଚଳର ଉଲ୍ଲେଖନୀୟ ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯାଇଛି। ଡ୍ରିମ୍ ଟିମ୍‌ର ସଭାପତି ଅଶୋକ ସାହୁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଦେବଗଡ଼ ରାଜା ଧୀରଜ ଦେବ, ମୁଖ୍ୟ ବକ୍ତାଭାବେ ମଧ୍ୟପ୍ରଦେଶର ବଜରଙ୍ଗ ଦଳ ସଭାପତି ରାମ କୁମାର ସିଂ, ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ନାଏକ ଓ ଗୋଲଖ ନାଏକ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସରୋଜ ବାରିକ, ଶୁଭଶ୍ରୀ ନାଏକ, ଜୀବନ ନାଏକ, ରୀନା ରାଣୀ ନାଏକ, ପ୍ରମୁଖ ପରିଚାଳନା କରିଥିଲେ।



ବିଜେତା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ସଚେତନତା ସହ ଧରପଗଡ଼, ଦଣ୍ଡ ବ୍ୟବସ୍ଥା ଉପରେ ଗୁରୁତ୍ୱ

**ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲାସ୍ତରୀୟ କ୍ରିୟାନୁଷ୍ଠାନ ବୈଠକ**


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଭଦ୍ରକ ଅଫିସ, ୧୭।୬(ସନାତନ ରାଉତ)**

ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଇ ସମାଜ ପାଇଁ କୁପ୍ରଭାବ ସୃଷ୍ଟି କରୁଥିବା ଶିଶୁ ଶ୍ରମିକ ଘଟଣାର ମୂଳୋତ୍ପାଟନ ପାଇଁ ତୃଣମୂଳସ୍ତରରୁ ସଚେତନତା ସହ ଧରପଗଡ଼ ଓ ଆଇନ ଅନୁଯାୟୀ ଦଣ୍ଡ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଶିଶୁ ଶ୍ରମିକ ନିରାକରଣ ପାଇଁ ଅନୁଷ୍ଠିତ ଭଦ୍ରକ ଜିଲାସ୍ତରୀୟ କ୍ରିୟାନୁଷ୍ଠାନ ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଥିଲେ। ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ଶ୍ରମ ବିଭାଗ ଜରିଆରେ ସଦ୍‌ଭାବନା ସଭାଗୃହରେ ଜିଲାପାଳ ବୋନ୍ଦରଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅଧାରୁ ପାଠ ଛାଡୁଥିବା ପିଲାମାନେ ଶିଶୁ ଶ୍ରମିକ ସାଜି କ୍ରମେ ନିଶା ଓ ଅପରାଧ ଆଡ଼କୁ ପ୍ରବେଶ କରିବା ସମାଜ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି ବୋଲି ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ପ୍ରକାଶ କରିଥିଲେ। ଶିଶୁ ଶ୍ରମିକ ନିଷେଧ ଆଇନ ଅନୁଯାୟୀ ଶିଶୁ ଶ୍ରମିକ ନିଯୁକ୍ତିଦାତାଙ୍କ ପାଇଁ ସର୍ବନିମ୍ନ ୬ ମାସରୁ ସର୍ବାଧିକ ୨ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଓ ସର୍ବନିମ୍ନ ୨୦ ହଜାରରୁ ସର୍ବାଧିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଥିବା ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଦେବରାଜ ପାଣିଗ୍ରାହୀ, ସଦସ୍ୟ ଅମର ବାରିକ, ଚାଇଲ୍ଡ ଲାଇନର ନିର୍ଦ୍ଦେଶିକା ସେକ୍ ସୋଫିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

